RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ଜୁନ୍ ୨୦୧୭
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE







**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୂତଭି ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ତୃତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ

# ପ୍ରାଚୀ

Vol.-3, June 2017, Issue No. III
RNI No. : ODIODI/2015/64435
P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ପ୍ରଜ୍ଞା ପରିମିତା**
**ବନଲତା ସିଂହ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**
ପରିଚାଳନା ସମ୍ପାଦକ :
**ମନୋଜ କୁମାର ବିଶ୍ୱାଳ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


**ଏଇ ସଂଖ୍ୟାରେ...**

## ପ୍ରବନ୍ଧ


❑ ନାରୀ କେତେ ସୁରକ୍ଷିତ ଅଟେ ?
ମାନସ ରଞ୍ଜନ ପଟ୍ଟନାୟକ ୦୭


## ଗଳ୍ପ


❑ କଇଁ
କୁନ୍ତଳତା ତ୍ରିପାଠୀ ୦୯

❑ ଦ୍ୱିତୀୟ ସତ୍ୟ
ସଚ୍ଚିଦାନନ୍ଦ କର ୧୪

❑ ବସ୍ତିବାସୀ ଓ ବ୍ୟାୟାମଶାଳା
ସରୂପା ପ୍ରିୟଦର୍ଶିନୀ ସାମନ୍ତ ୧୬

❑ ସବର୍ଣ୍ଣ, ଅସବର୍ଣ୍ଣ ଏକ ମାନସିକତା
ବନଲତା ସିଂହ ୨୨

❑ ସ୍ନେହ ପାଇଁ ଚିଠିଟିଏ
ଡଃ. ନିରୋଦ କୁମାର ମନ୍ତ୍ରୀ ୨୪

❑ ପ୍ରତାରଣା
ଗୋପାଳ ଚନ୍ଦ୍ର ଦୋବାଇ ୨୬

❑ ଅନ୍ଧାର
ସୁରୁଚି ମିଶ୍ର ୨୯

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................

ଠିକଣା .................................................................. ପିନ୍‌କୋର୍ଡ଼ .......................................

ମୋବାଇଲ୍ ନମ୍ବର ................................................ ଇ-ମେଲ୍ ..............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର........................................ ତାରିଖ.......................................................................

ବ୍ୟାଙ୍କ୍........................................................ ସ୍ଥାନ.......................................................................

ତାରିଖ........................................................ ଦସ୍ତଖତ...................................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.in

# ନାରୀ କେତେ ସୁରକ୍ଷିତ ଅଟେ ?

*ମାନସ ରଞ୍ଜନ ପଟ୍ଟନାୟକ*

ଗଣମାଧମରୁ ପରିପ୍ରକାଶ, ବୈଦ୍ୟୁତିକ ଗଣମାଧମରୁ ଜଣାପଡେ ଦୈନିକ ନାରୀମାନଙ୍କ ପ୍ରତି କିଛି ନା କିଛି ସମସ୍ୟା ଦେଖାଯାଏ ଏପରିକି ସଙ୍ଗିନ୍ ବଳାତ୍କାର ଠାରୁ ଆରମ୍ଭ କରି ଯୌତୁକ ଜନିତ ନିର୍ଯ୍ୟାତନା ପୁଣି ଫିଲ୍ମ ଓ ଟେଲିଭିଜନରେ ଅଭିନୟରତ ନାରୀ କାଷ୍ଟିଂକାଉଚର ଶିକାର ହୁଏ । ଏପରି ସମ୍ବେଦନଶୀଳ ଘଟଣା କାହିଁକି ଘଟୁଛି ତର୍ଜମା ହେବା ଆବଶ୍ୟକ । କିଛି ବର୍ଷ ପୂର୍ବରୁ ନାରୀକୁ ଦୁର୍ବଳାର ଆଖ୍ୟା ସମାଜରୁ ମିଳୁଥିଲା କିନ୍ତୁ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରୁ ପ୍ରତ୍ୟେକ କ୍ଷେତ୍ରରେ ନାରୀ ତା'ର ପାରଦର୍ଶିତା ପ୍ରତିପ୍ରାଦନ କରି ପୁରୁଷଠାରୁ ଅନେକ ଗୁଣରେ ଉର୍ଦ୍ଧ୍ୱରେ ତଥାପି କାହିଁକି ଏପରି ଭ୍ରଷ୍ଟାଚାର ବୃଦ୍ଧିପାଏ ? କାହିଁକି ଆଜିର ନାରୀ ସମାଜରେ ସୁରକ୍ଷିତ ନୁହେଁ । ପୁରୁଷ ଓ ନାରୀ ପରସ୍ପର ବିପରୀତ ଧର୍ମୀ । ପୁରୁଷ ଓ ନାରୀର ଶାରୀରିକ ଗଠନ ଭିନ୍ନ । ପୁରୁଷ ଓ ନାରୀ ଚିନ୍ତାଧାରା ମଧ ଏକା ନୁହେଁ । ପ୍ରତ୍ୟେକ ନାରୀ ଏହା ହୃଦୟଙ୍ଗମ କରିବା ଉଚିତ୍ । ନାରୀ ବିନା ସୃଷ୍ଟି ଅସମ୍ଭବ । ନାରୀ ସୌନ୍ଦର୍ଯ୍ୟର ଅଧିକାରୀ, ନାରୀ କ୍ଷମା, ଧୈର୍ଯ୍ୟ ଅଧିକାରୀ, ନାରୀ ମାତୃତ୍ୱର ଅଧିକାରୀ । ବର୍ତ୍ତମାନ ଅତ୍ୟାଧୁନିକ କମ୍ପ୍ୟୁଟର ଯୁଗରେ ପ୍ରାୟ ନାରୀମାନେ ସୋସିଆଲ ମେଡିଆର ଦୂରୁପଯୋଗ କରି ଅଜଣା ଅପରିଚିତ ବ୍ୟକ୍ତି ସହ ପ୍ରେମଫାଶରେ ବାନ୍ଧି ହୋଇଯାଆନ୍ତି । ପୁରୁଷଠାରୁ କୁଠାରଘାତ ପାଆନ୍ତି । ଲାଞ୍ଛନା, ପ୍ରବଞ୍ଚନା ଓ ପ୍ରତାରଣାର ଶିକାର ହୁଏ ନାରୀ । ଆମ ଦେଶରେ ନାରୀର ସୁରାକ୍ଷା ପାଇଁ ଯେତେଯେତେ କଠୋର ଦୃଢ଼ ଆଇନ ପ୍ରଣୟନ ହେଲେ ମଧ ପୁରୁଷ ସମାଜ ତାହା ଗ୍ରହଣ କରିପାରୁନାହିଁ । ଏହା ବିଡ଼ମ୍ବନା ଅଟେ । ଯଦି ନାରୀ ସୁରକ୍ଷିତ ନୁହେଁ ତେବେ ସମାଜ କିପରି ସୁରକ୍ଷିତ ହେବ ? ଏ ସମସ୍ୟାର କ'ଣ ସମାଧାନ ନାହିଁ ? ନାରୀ ସର୍ଜନା କରିପାରେ ଠିକ୍ ସେପରି ନାରୀ ମଧ ଧ୍ୱଂସର କାରଣ ହୋଇପାରେ । ଖାଲି ସଭା, ସମିତି ଓ ପ୍ରତିବାଦ ମଧରେ ନାରୀମାନଙ୍କ ପ୍ରତି ଘଟୁଥିବା ନିର୍ଯ୍ୟାତନାକୁ ଭାଷଣବାଜି ମାଧମରେ ଉଲ୍ଲେଖ ନକରି ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ସଂଗ୍ରାମ ଜାରିହେବା ଆବଶ୍ୟକ, ବେସରକାରୀ ଅନୁଷ୍ଠାନମାନେ ଯେଉଁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାନ୍ତି ନିର୍ଯ୍ୟାତିତା ଓ ପିଡିତା ନାରୀପ୍ରତି ତାହା କ'ଣ ତା ପ୍ରତି ଘଟିଥିବା ସମସ୍ୟାର ଆଶୁ ସମାଧାନ କରିପାରେ ? ଯଦି ତୁରନ୍ତ ସମାଧାନ ହୋଇପାରୁଥାନ୍ତା, ନ୍ୟାୟ ଅପେକ୍ଷାରେ ଆଜି ଭାରତବର୍ଷର ଅଗଣିତ ନାରୀ ନୀରବ ପ୍ରାର୍ଥନା କରୁନଥାନ୍ତେ । ସେ ଏବଂ ତା'ର ପରିବାର ଅପେକ୍ଷା କରନ୍ତି ନ୍ୟାୟ ପାଇଁ । ନ୍ୟାୟାଳୟ କେବେ ଉଚିତ୍ ନ୍ୟାୟ ପ୍ରଦାନ କରିବେ ତା ଠାରୁ ଯେଉଁ ସ୍ୱାଧୀନତା ହରଣ କରାଯାଇଛି କିମ୍ବା କାମାନ୍ଧ, ଅସମାଜିକ ବ୍ୟକ୍ତି ଯେଉଁ ନିଷ୍ଠୁର କାହାଣୀ ରଚନା କରିଛି, ତା ନାରୀତ୍ୱର ଯେଉଁ ଅବକ୍ଷୟ ଘଟାଇଛି କେବେ ସେ ନୃଶଂସ, ବିଶୃଙ୍ଖଳିତ ପ୍ରତି ଶାସ୍ତି ହେବ ? କେବେ ସେହି ନାରୀକୁ ସାମାଜିକ ସ୍ୱୀକୃତି ମିଳିବ ? ନାରୀ ପ୍ରତି ସାମାଜିକ ସ୍ୱୀକୃତିରେ ହସ୍ତକ୍ଷେପ ଓ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଯେ କେହି ବ୍ୟକ୍ତି ହେଉ ପଛେ ତାକୁ କଣ ତୁରନ୍ତ ଦଣ୍ଡବିଧାନ ନ୍ୟାୟଳୟଙ୍କ ଦ୍ୱାରା କରାଯିବାର ବିଧି ଯଥାର୍ଥ ନୁହେଁ କି ?

ନାରୀମାନଙ୍କୁ ସଚେତନ ହେବାର ଆବଶ୍ୟକତା ଅଛି । ସୋସିଆଲ ମେଡିଆକୁ ପାଥେୟ କରି ନିଜ ସାଥୀ ବାଛିବା ଓ ବିନା ଦ୍ୱିଧାରେ ଲମ୍ପଟ, କାମୁକ ପୁରୁଷଙ୍କୁ ବିଶ୍ୱାସ କରି ନିବିଡ଼ ସମ୍ପର୍କ ସ୍ଥାପନ

କରି ତା ସହ ତାହାର ଅଜଣା ଇଲାକାକୁ ଗୋଡ କାଢ଼ିବା ଦିଗରେ ଯଥେଷ୍ଟ ଆତ୍ମଜ୍ଞାନ, ବୁଦ୍ଧି ବିବେକ ଖଟାଇବା ଦରକାର ନିଜ ପରିବାରର ସମ୍ମାନକୁ ଭୃକ୍ଷେପ ନକରି ନିଜେ ନିଜର ସଙ୍କଳ୍ପବଦ୍ଧ ହେବା କେତେ ଦୂର ଠିକ୍? ଆଜିର ନାରୀ ସଭ୍ୟା, ଶିକ୍ଷିତା । ନିଜର ସ୍ୱାଧୀନ ଅଧିକାରକୁ ସାବ୍ୟସ୍ତ କରିବାକୁ ଯାଇ ନିଜର ଅମଙ୍ଗଳ ଡାକି ଆଣେ ନିଜ ପାଇଁ । ଯାହା ସାରାଜୀବନ ପାଇଁ ଏକ କଳଙ୍କମୟ କାହାଣୀ ସୃଷ୍ଟି କରେ ତା ପାଇଁ । ପ୍ରାପ୍ତ ବୟସ୍କା ହେଲାପରେ ପୂର୍ବ ପ୍ରଚଳିତଧାରାରେ ଯେଉଁ କଟକଣା ନାରୀ ପାଇଁ ପ୍ରାଯୁର୍ଯ୍ୟ ଥିଲା ତାହା ଏବେ ନାହିଁ । ନିଷ୍ଚିତ ଭାବେ ଏହା ଶୁଭଙ୍କର କାରଣ ପୁରୁଷର ଯେଉଁ ଅଧିକାର ସମାଜରେ ରହିବା କଥା ନାରୀ ମଧ ସମରୂପୀ ଅଧିକାର ରହିବା ବାଞ୍ଛନୀୟ ଅଟେ । ତଥାପି କ'ଣ ପାଇଁ ଭ୍ରଷ୍ଟାଚାର ବଢ଼ି ବଢ଼ି ଯାଉଛି ? ଏଥିପାଇଁ ଦାୟୀ କିଏ ? ପରସ୍ପର ଦୋଷାରୋପର ପୂର୍ଣ୍ଣଛେଦ ପାଇଁ କେବଳ ଯୋଜନା ପ୍ରସ୍ତୁତ ନ ହେଉ । ଯେ କୌଣସି ପୁରୁଷର ସ୍ତ୍ରୀ, ମା, ଭଉଣୀ ଅଛନ୍ତି । ଯଦି ନିଜ ସ୍ତ୍ରୀ, ମା ଓ ଭଉଣୀ ପାଇଁ ତାର ଯଥେଷ୍ଟ ସମ୍ମାନ ରହେ, ଅନ୍ୟନାରୀ ପ୍ରତି କାହିଁକି ବିତୃଷ୍ଣା ଭାବ ପରିଲକ୍ଷିତ ହୁଏ ? ସେହି ବିକୃତ ମାନସିକତାର କ'ଣ ଚିକିତ୍ସା ନାହିଁ? ଏଥିପାଇଁ ପୁରୁଷ ସମାଜର ଜ୍ଞାନ, ବୁଦ୍ଧି ଓ ବିବେକର ସଦୁପୋଯୋଗ କରିବାର ଆବଶ୍ୟକତା ଅଛି । ନାରୀ ସୁରକ୍ଷିତ ରହିଲେ ସମାଜର ଅଗ୍ରଗତି ଓ ଦେଶ ପ୍ରଗତି ଏଥିରେ ଦ୍ୱିମତ ନାହିଁ । କର୍ତ୍ତବ୍ୟରେ ବୋଧ ହୁଏ କେଉଁଠି ଊଣା ରହିଯାଉଥିବ ସେଥିପାଇଁ ଯଥେଷ୍ଟ ସଚେତନତା ନିରୂପଣ ହେବା ବାଞ୍ଛନୀୟ । ନାରୀ ସମାଜର ନେତୃତ୍ୱ ବହନ କରୁଥିବା ନେତ୍ରୀମାନେ ମଧ ହୃଦୟଙ୍ଗମ କରି ପ୍ରଥମେ ନିଜର ପୋଷାକ, ବେଶ, ଭୁଷା, ଆଚାର, ବିଚାର, ବ୍ୟବହାରରେ ପରିବର୍ତ୍ତନ ଆଣିବା ଦରକାର । ଆଜିର ନାରୀ ସମାଜ କିମ୍ବା ପୁରୁଷ ସମାଜ ପାଶ୍ଚାତ୍ ଦେଶର ଚଳଣୀ ଓ ପରମ୍ପରା ଠାରୁ ଦୂରାଇ ଆସି ନିଜର ପରମ୍ପରା ପ୍ରତି ସଚେତନ ହେବା ଆବଶ୍ୟକ । ନାରୀ ତାର ପ୍ରାପ୍ୟ ଓ ତା ପ୍ରତି ଘଟୁଥିବା ଅବିଚାର ପାଇଁ ସେହି ନିର୍ଦ୍ଦିଷ୍ଟ ଅଞ୍ଚଳର ପ୍ରତ୍ୟେକ ନାରୀ ତାକୁ ସମବେଦନା ନ ଜଣାଇ ତା ହାତରେ ହାତ ମିଶାଇ ଏକଜୁଟ ହୋଇ ଗଣତନ୍ତ୍ରକୁ ନ୍ୟାୟ ମାଗିବା ଦରକାର ଯେପରି ପ୍ରତ୍ୟେକ ଅଞ୍ଚଳରେ ଛୋଟ ବଡ଼ ମହିଳା ସ୍ୱୟଂ ସହାୟକ ଗୋଷୀ ନିର୍ମାଣ ହୋଇଛି ଓ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଛୋଟ ବଡ଼ ପ୍ରକଳ୍ପ ଦ୍ୱାରା ଆଜିର ନାରୀ ଆତ୍ମ ନିର୍ଭରଶୀଳା ଠିକ୍ ସେପରି ନାରୀର ସୁରକ୍ଷା ପାଇଁ ପ୍ରତ୍ୟେକ ଜାଗାରେ ସେହି କାର୍ଯ୍ୟରତା ମହିଳାକର୍ମୀ, ମହିଳାନେତ୍ରୀ, ମହିଳାଗୋଷିମାନେ କେବଳ ସ୍ୱର ଉତ୍ତୋଳନ ନକରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରି ନିଜେ ନିଜର ସ୍ୱାଭିମାନ ବଜାୟ ରଖିପାରିବେ । ନାରୀ ମାନେହିଁ ବିଶୃଙ୍ଖଳାର କାରଣ ଯେଉଁମାନେ କହନ୍ତି ସେହି ଘଟଣାର ବାସ୍ତବତା ପ୍ରକାଶିତ ହୁଏନି । କେବଳ ବଗ ଦୋଷକରେ, କୁଆ ମୁଣ୍ଡରେ ଅଠ ବୋଳିବା ସଦୃଶ କାହାଣୀ ହୋଇପାରେ । ଯୁଗେଯୁଗେ ନାରୀ ବନ୍ଦନୀୟା, ସ୍ମରଣୀୟା । ସେ ଜାୟା, ଜନନୀ ଓ ଭଗିନୀର ରୂପ ନେଇ ତୃଷାର୍ଥକୁ ଜଳ ଦେଇପାରେ । କ୍ଷୁଧା ଲୋକୁ ଖାଦ୍ୟ ଦେଇପାରେ ପୁଣି ଅବାଟକୁ ବାଟକୁ ଟାଣି ଆଣିପାରେ । ସମସ୍ତ ଶକ୍ତିର ଅଧିକାରୀ ସେ । ସେଥିପାଇଁ ତାକୁ ଶକ୍ତି ସ୍ୱରୂପିଣୀ ଆଖ୍ୟା ଦିଆଯାଇଛି । ଯୁଗେଯୁଗେ ନାରୀ ଦୁର୍ବଳା ନୁହେଁ ସେ ସବଳା । ସେ ପାପୀକୁ ଜନ୍ମ ଦେଇପାରେ ପୁରି ପାପକୁ ଧ୍ୱଂସ କରିଦେଇପାରେ । ତା ସୁରକ୍ଷା ପାଇଁ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷିମାନେ ଅଣ୍ଟା ଭିଡ଼ନ୍ତୁ । ବ୍ୟାଭିଚାରର କାଳିମା ନ ଘୁଞ୍ଚିଲା ପର୍ଯ୍ୟନ୍ତ, ଅକଥନୀୟ ପାଶବିକ ଯନ୍ତ୍ରଣା ଭୋଗ କରୁଥିବା ମା'ଭଉଣୀର ମୁଣ୍ଡରୁ ହାତ ଉଠାନ୍ତୁ ନାହିଁ । ଦେଖିବେ ଏହି ଗଣତନ୍ତ୍ର ଖୁବ୍ ଶୀଘ୍ର ନାରୀ ସୁରକ୍ଷାର ବାଟ ଖୋଜିବ ।

ସମ୍ପାଦକ : ମାଟିର ମହକ
ନିମବସନ୍ତ, ହରିରାଜପୁର, ଜଟଣୀ, ପୁରୀ,
ମୋ-୯୦୪୦୭୫୧୪୯୦

୦୦୦

# କଇଁ

କୁନ୍ଦଲତା ତ୍ରିପାଠୀ

କଇଁ ହସି ଦେଲା ଖିଲ୍ ଖିଲ୍ ହୋଇ, କାହାକୁ ଖାତିର ନକରି ବେପରୁଆ ଭାବେ । ସେ ଭୁଲିଗଲା ତାର ଜନ୍ମଜାତକ । କିଏ କହିଲା ତାର ଜନ୍ମ ପଙ୍କରୁ ବୋଲି । ସେ କ'ଣ କେବେ ନିମ୍ନକୁ ଚାହିଁଛି, ତା ଦୃଷ୍ଟି ସବୁବେଳେ ଊର୍ଦ୍ଧ୍ୱଗାମୀ । ସେ ବାମନ ହୋଇ ଚନ୍ଦ୍ରକୁ ପାଇବାର ବୃଥା ପ୍ରୟାସ କରିନି, ବରଂ ତା ପାଖୁଡ଼ାର କୋମଳ ତାରେ ଚନ୍ଦ୍ର ରଶ୍ମିର ଉଜ୍ଜ୍ୱଳତା ଭରିଦେଇଛି ସରସତା । ଦୂରତ୍ୱ ତା ଅଭେଦ୍ୟ ପ୍ରୀତିରେ କେବେ ବାଧକ ହୋଇନି । ତା ଇଲାକାର ସୁନୀଳ ସରସି ଜଳରେ ସେ ଢ଼ଳ ଢ଼ଳ ହୋଇ ଚାହିଁ ରହିଛି ସେମିତି । ସ୍ୱର୍ଗୀୟ ପ୍ରୀତିର ପୂଜାରିଣୀଟିଏ ହୋଇ, କିଏ କହେ କଇଁ ଫୁଲେଇଟାଏ, କ'ଣ ବା ପାଏ ସେ ଏମିତି । ସତରେ ତା ଭିତରେ ଗୋଟିଏ ନିରୀହ ଅହଂକାର - ତା' ଆନନ୍ଦ ତ ତ୍ୟାଗରେ ଭୋଗରେ ନୁହେଁ ।

ନିଦ ଭାଙ୍ଗିଗଲା, ସପନ ହଜି ଗଲା, ଉପହାସ କଲା ନିଷ୍ଠୁର ବାସ୍ତବତା, ସ୍ୱାଭିମାନୀ ମନଟା କିନ୍ତୁ ଏବେବି ମାନିବାକୁ ପ୍ରସ୍ତୁତ ନଥିଲା । ନା ଏମାନେ ସବୁ ମିଛ କହୁଛନ୍ତି । ଅନ୍ୟକୁ ବଦ୍‌ନାମ କରିବା ମଣିଷର ଗୋଟେ ସହଜାତ ପ୍ରବୃତ୍ତି । ଏମାନେ ତେଲଲୁଣ ଦୁନିଆର ମାପ କାଠିରେ ତଉଲି ବସନ୍ତି ଅମୂଲ୍ୟ ରତ୍ନକୁ । ନିଜର ଶସ୍ତା ପ୍ରଚାର ପ୍ରସାର ପାଇଁ ସୃଷ୍ଟିର ସମ୍ଭାରକୁ ଧ୍ୱଂସ ସ୍ତୂପରେ ପରିଣତ କରିବାକୁ ବଦ୍ଧପରିକର ହୋଇ ଆଗେଇ ଆସନ୍ତି । ମିଥ୍ୟା ପ୍ରମାଣ ତଥ୍ୟ ଯୋଗାଡ଼ କରି ଏମାନେ ମାନବୀୟ ମୂଲ୍ୟବୋଧର ଅବକ୍ଷୟ ଘଟାନ୍ତି । ସୁନ୍ଦର ରମ୍ୟ ରଚନାକୁ ବିକଳାଙ୍ଗ କରିଦିଅନ୍ତି ।

ସତ୍ୟ ହିଁ ପରମ ଧର୍ମ । ମିଥ୍ୟାର କଳାବାଦଲ କେବେ କ'ଣ ଘୋଡ଼ାଇ ଦେଇପାରେ ସନାତନ ସତ୍ୟଉଜ୍ଜ୍ୱଳ ସୂର୍ଯ୍ୟାଲୋକକୁ ।

ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପି ହିତମ ମୂଖମ୍ ।

ତତ୍ୱମ୍ ପୂଷନ ଅପାବୃଣୁ ସତ୍ୟ ଧର୍ମାୟ ଦୃଷ୍ଟୟେ ।

ଏମାନେ କେବେବି ସ୍ୱର୍ଣ୍ଣ କୁମ୍ଭର ଢ଼ାଙ୍କୁଣି ଖୋଲି ସତ୍ୟ ଧର୍ମକୁ ଦେଖିବାକୁ ପ୍ରୟାସ ନକରି ସୁନା ଆବରଣ ରୂପକ ମାୟା ମୋହର ଚାକଚକ୍ୟରେ ବିମୋହିତ ହୋଇ ବାଟବଣା ହୁଅନ୍ତି ଏଣେତେଣେ । ଏମିତି ମଣିଷ ମନରେ କାହିଁକି କେଜାଣି ବା ଏମାନେ ଭରି ଦିଅନ୍ତି  କାଳକୂଟ ବିଷ ।

ନିଜକୁ ବୁଝାଇ ପାରୁନଥିଲା କଇଁ । ଆଜି ଭାରି ଅଣନିଃଶ୍ୱାସି ଲାଗୁଛି ତାକୁ । ସିଦ୍ଧ ମହାପୁରଷମାନେ ତ ସମାଜର ଦିଗ୍‌ଦର୍ଶକ । ସେମାନଙ୍କର ଅମ୍ଳାନ ଜ୍ୟୋତିରେ ସମାଜ ହୁଏ ଆଲୋକିତ, ଉଦଭାଷିତା ମାୟା ମୋହ ରୂପକ ଘନ ଅନ୍ଧକାରର କଳାବାଦଲ ଦୂରିଭୂତ ହୁଏ । ଅମୀୟବାଣୀକୁ ଅନୁକରଣ କରି ଜାତି ନନ୍ଦିଘୋଷ ଗଡ଼ି ଚାଲେ ଆଗକୁ ଆଗକୁ । ଅଥଚ ଏ କି ବିଡ଼ମ୍ବନା । ସାଧୁମାନଙ୍କ ଚରିତ୍ରକୁ ନେଇ ଯଦି ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରାଯାଏ । ମାନବିକତା ବଦଳରେ ମୂଢ଼ତାକୁ  ପ୍ରସୟ ଦିଆଯାଏ । ମଣିଷ ମନରେ ଭରି ଦିଆଯାଏ ବିକୃତ ମାନସିକତା ।

ମାନବିକତା ଧାର୍ମିକ ଚେତନାରେ କେତେବଡ଼ ଆଘାତ ସତରେ । ମାନସିକ ସ୍ତରରେ ଏ ଯେଉଁ ବିଭତ୍ସ କ୍ଷତ ।

ନା ଆଖିରେ ଅଛି ନିଦ ନା ଟିଭି ଦେଖିବାର ସ୍ପୃହା । ବିକ୍ଷିପ୍ତ ମନରେ ଅବଶଭାବ । ତା ଜୀବନ ଆକାଶରେ ଚାନ୍ଦ ସାଜି ଯିଏ ଆଜି ପର୍ଯ୍ୟନ୍ତ ବି ଞ୍ଚୁଦେଉଥିଲେ ଅବାରିତ ସ୍ୱଚ୍ଛ ଶୀତଳ କିରଣ, ଯାହାଙ୍କୁ ଚାହିଁ ତା ଦୃଷ୍ଟି କେବେ ନିମ୍ନକୁ ଦେଉ ନଥିଲା ତା ଜୀବନ ତରଙ୍ଗିଣୀରେ ନାବିକ ସାଜି ଯେ ତାଙ୍କୁ ବାହି ନେଉଥିଲେ ଏ ପାରିର ଘନଘଟା ପୂର୍ଣ୍ଣଆବିଳତାକୁ ଭେଦ କରି କାହିଁ କେତେଦୂର ସେପାରିର ପୂତପବିତ୍ରତା ଭରା ଆନନ୍ଦମୟ ନଗରୀକୁ, ଆଗକୁ ଭାବିପାରୁନି କଇଁ । ତା ଭିତରେ ହୃଦଘାତର ଯନ୍ତ୍ରଣା । ଏ ପରିସ୍ଥିତିରେ କିଏ ବା ତାକୁ ସମବେଦନା ଜଣାଇବ । ଭାରି ଇଚ୍ଛାହେଉ ଥିଲା ମା'ସାଙ୍ଗରେ ପଦେ କଥା ହେବାକୁ । ତା କୋଳରେ ମୁହଁ ଗୁଞ୍ଜି ପିଲା ଦିନର ସେଇ ଧୋ ବାଇଆ ଗୀତଶୁଣି ସାନ ଛୁଆଟି ହୋଇ ନିଶ୍ଚିନ୍ତରେ ଗାଢ଼ ନିଦରେ ଟିକେ ଶୋଇପଡ଼ିବାକୁ । ମାତ୍ର ପାରୁନି ସିଏ । ଦିନେ ଯିଏ ସାସାଂରିକ ସମସ୍ତ ବନ୍ଧନ ତୁଟାଇ ମାଆ ବାପାଙ୍କ କଥା କାଟିଦେଇ ଭାଗବତ ଚେତନାକୁ ପାଥେୟ କରି ଏକୁଟିଆ ରହିବାକୁ ଦୃଢ଼ ସଂକଳ୍ପ ନେଇଥିଲା, ସାମାନ୍ୟ ସାମୟିକ ଉତେ   ଜନାରେ କେମିତି ଏମିତି ଭାଙ୍ଗି ପଡି ତାର ନିଷ୍ପ ତ୍ତି ବଦଳାଇ ଦେବ । ବରଂ ଆହୁରି ଦୃଢ଼ ହେବାକୁ ପଡ଼ିବ ତାକୁ ପ୍ରକୃତ ସତ୍ୟର ସନ୍ଧାନରେ । ତା ଭିତରେ ଥିବା ଦେବତ୍ୱକୁ ବିକଶିତ କରିବ । ପଶୁରୂପି ମାନବମାନଙ୍କୁ ଉଚିତ ଶିକ୍ଷା ଦେଇ ଶ୍ରେୟ ମାର୍ଗର ଅନୁଗାମୀ କରାଇବ ।

ବନ୍ଦ କରି ଦେଇଥିବା ଟି.ଭି.ଟାକୁ ପୁଣି ଖୋଲିଲା କଇଁ । ବିଶ୍ୱାସ କରିପାରିଲାନି ନିଜକୁ ନିଜେ । ଟି.ଭି. ପରଦାରେ ଜଳୁଥିବା ନିଆଁଟା ତା ଭିତରକୁ ଧସେଇ ପଶି ଜାଳି ପକାଉଛି ହୃଦୟର ପ୍ରତିଟି ତନ୍ତୁ । ମୁଣ୍ଡ ଉପରେ ସେତିକି ଆକାଶ ଛିଡି ପଡୁଛି, ଆଉ ପାଦ ତଳୁ ଖସି ଯାଉଛି ପୃଥିବୀ । ସେ କଅଣ ତ୍ରିଶଙ୍କୁ ପାଲଟି ଗଲା ନାନା ପ୍ରଶ୍ନବାଣର ତୀକ୍ଷ୍ଣ ଧାରରେ କ୍ଷତାକ୍ତ ହୋଇ ପଡୁଛି ସେ । ରିମୋଟ ଧରି ବାରମ୍ବାର ଚ୍ୟାନେଲ ପରିବ ର୍ତ୍ତ ନ କଲା । କିଛି ଲାଭ ନାହିଁ । ପ୍ରତି ଚ୍ୟାନେଲ ପ୍ରସାରଣ କରି ଚାଲିଛି ସେଇ ଏକା କଥା । ଭ୍ରଷ୍ଟାଚାରୀ କଳାକାରନାମାର ପର୍ଦ୍ଦାଫାସ ।

ବାପ, ମା ଠାରୁ ଆରମ୍ଭ କରି ପ୍ରତି ହିତାକାଂକ୍ଷୀଙ୍କ କଥାକୁ କାଟି ଦେଇ ଦିନେ ଯେ ନିର୍ଭର କରିଥିଲା ତା ନିଜ ବିଶ୍ୱାସକୁ, ଏବେ -

ବିଶ୍ୱାସର ବିଷକୁ ପାନକରି ସେ କଅଣ ନୀଳକଣ୍ଠ ସାଜି ପାରିବ

ଉପହାସ କରୁଥିଲା ବିବେକବୋଧ -

ତୁ ଧରା ପଡିଯାଇଛୁ କଇଁ - ନିଜ ପାଖରେ ନିଜେ । ତୋ ଲକ୍ଷସ୍ଥଳରେ ପହ ଞ୍ଚିବାକୁ ତୁ ଯେଉଁ ପଥକୁ ବାଛି ନେଲୁ, ତାକୁ ତୁ ଭଲଭାବରେ ପରକ୍ଷି ପାରିଥିଲୁ ତ, ନା ତୋ ସରଳତାର ସୁଯୋଗନେଇ ତୋତେ ପଥଭ୍ରଷ୍ଟ କରିଦିଆ ଯାଇଥିଲା ।

ଉ ତ୍ତ ର ଖୋଜୁଥିଲା କଇଁ ।

ନିଜର ନିର୍ବୋଧତାର ଶିକାର ବନି ଯାଇନି ତ ସେ

ନିଦହଜା ଆଖିରେ ରାତି ପାହିଗଲା ।

କ୍ରମାଗତଭାବେ ସମସ୍ୟା ସବୁ ଭିନ୍ନ ମୋଡ ନେଲା ।

ଜଟିଳରୁ ଜଟିଳତର ହେଲା ସମାଧାନର ପନ୍ଥା । ଦେବତ୍ୱର ଧର୍ମଘୋଡଣୀ ଭିତରେ ଯେ ଶତ ଶତ ଖୁଣିମାନେ ସହଜରେ କବର ନେଉଥିଲେ, ଶତ

ଶତ ପାପାରାଶି ସ୍ୱାଭାବିକଭାବେ ଜନ୍ମ ନେଇ ଅନ୍ତରାଳରେ ପଶୁତ୍ୱର ଶୋଭାଯାତ୍ରାର ସମ୍ମୋହନ ଶକ୍ତିର ଇନ୍ଦ୍ରଜାଲରେ ବିମୋହିତ କରି ବିବସତା ଭରି କବଳିତ କରିବସୁଥିଲା ସମସ୍ତଙ୍କୁ । ସେ ମାୟାଜାଲର କି କାଉଁରି ବିଭତ୍ସ ତା ରୂପ ସତରେ ।

ନିଜ ପ୍ରତି ନିଜକୁ ଘୃଣା କରିବସିଲା କଇଁ । ଯେଉଁ ଶରୀର ଓ ମନକୁ ସେ ଇଷ୍ଟଦେବତାଙ୍କ ସେବାରେ ଉତ୍ସର୍ଗୀକୃତ କରି କାୟମନୋବାକ୍ୟରେ ତାଙ୍କର ବୋଲି ସ୍ୱାଭିମାନରେ ଫାଟି ପଡୁଥିଲା । ଏବେ ଇଚ୍ଛା ହେଉଥିଲା ସେ ଶରୀରଟାକୁ ପୋଡି ଜାଳି ଭସ୍ମ କରି ଦେବାକୁ ସାଙ୍ଗେ ସାଙ୍ଗେ । ଅଥଚ ଏ ମନଟାର କି ଶାସ୍ତି ବିଧାନ କରାଯାଇ ପାରେ ।

କେତେ ସ୍ୱପ୍ନ ଦେଖିଥିଲେ ବାପା, ମାଆ ତା ପାଇଁ । ଯେଉଁ ଦିନ ଡାକ୍ତର ଭଳି ପ୍ରସ୍ତାବଟାକୁ ପ୍ରତ୍ୟାଖ୍ୟାନ କରି ବସିଲା ସେ, ଅବଶ୍ୟ ପିତୃତ୍ୱର ଅଧିକାର ନେଇ କନ୍ୟାର ଭବିଷ୍ୟତକୁ ଚିନ୍ତାକରି ଉତ୍‌କ୍ଷିପ୍ତ ହୋଇ ଯାଡୁ ବୋଲି ସାଡୁ ଗାଳି କରିବସିଥିଲେ ବାପା ।

ଅଥଚ ଏ ସାମାନ୍ୟ କଥା ପାଇଁ ସେମାନଙ୍କର ଅଧିକାରୁ ବ ଞ୍ଚିତ କରି ନିଜ ମୁଣ୍ଡ ଉପରେ ଥିବା ପିତୃ ଛତ୍ର ଛାୟାକୁ ଏଡି ଦେଇ ଘର ଛାଡ଼ିବାର ନିଷ୍ପ ତ୍ତି ଯେ କେତେଦୂର ଯଥାର୍ଥ - ଆଉ ଆଗକୁ ଭାବି ପାରିଲାନି କଇଁ । ଯଦିଓ ଆଶ୍ରମର ଅନ୍ତେବାସିନୀ ନ ହୋଇ ସେ ସ୍ୱାବଲମ୍ବନଶୀଳ ହୋଇ ପାରିଛି, ମାତ୍ର ସେ ତାର ସମସ୍ତ ସାଧିନତା ଯେ ନିଜ ଅଜାଣତରେ ହରାଇ ବସି ଭ୍ରଷ୍ଟାଚାରର ଶିକାର ହୋଇ, ଏବେ ନେଡି ଗୁଡ କହୁଣିକୁ ବହି ଯିବାର ଅନୁଭବ କରୁଛି ସେ ।

ଖାଲି କଅଣ ସେତିକି, ଅଫିସରେ ସେ ଯେଉଁ ସହକର୍ମୀ ଜଣକ ତାକୁ ଜୀବନସାଥୀ କରିବାକୁ ଆଶା ବାନ୍ଧି କେତେଆଡୁ ଚାପ ପକାଇ ନିରାଶ ହୋଇଥିଲା, କେମିତି ସେମାନଙ୍କୁ ସାମ୍ନା କରିବ ସେ ଏବେ ।

ସମୟ ଉପହାସ କରୁଥିଲା -

ମୋ ହାତ ମୁଠା ବଡ଼ ଶକ୍ତ । ସ୍ଥାନ, କାଳ, ପାତ୍ର, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଧନୀ ଦରିଦ୍ର ବାଛ ବିଚାର ନଥାଏ ମୋ ପାଖରେ । ଦିନେ ନା ଦିନେ ମୋ କରାଳ ହାତମୁଠା କବଳିତ କରେ ସମସ୍ତଙ୍କୁ ।




EMERALD
EDUCATION



+2 Science
+3 Science
(Hons & Pass)

Hostel For Boys & Girls

SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966

ଦରଜା ଖୋଲିଲା କଇଁ । ଅଫିସ ସମୟ ଗଡିଗଲାଣି । ନିତ୍ୟ ନୈମିତିକ କାର୍ଯ୍ୟକ୍ରମ ସ୍ୱାଭାବିକ ଭାବେ କରିପାରିନି ସେ । ବ୍ରାହ୍ମମୂହୁର୍ତ୍ତର ସେ ଯେଉଁ ଶ୍ଳୋକଟି - ବ୍ରହ୍ମା ମୂରାରୀ ତ୍ରିପୁରାନ୍ତକାରୀ...... କୁର୍ବନ୍ତୁ ସର୍ବେ ମମ ସୁପ୍ରଭାତମ୍, କେମିତି ବା ଗାଇବ - ପ୍ରଭାତ ଅତିକ୍ରମ କରି ସମୟ ମଧ୍ୟାହ୍ନ ହେବାକୁ ବସିଲାଣି ।

କେମିତି କେମିତି ଚାପାକଣ୍ଠର ହାସ୍ୟ ଆକ୍ଷେପୋକ୍ତି ସହିବାକୁ ପଡୁଛି । ଅଗଣା ଡେଇଁ ଦାଣ୍ଡକୁ ଗୋଡକାଢ଼ିବାକୁ ଭୟ ହେଲାଣି । ସେଦିନ ସେ ବଜାରି ଟୋକାଟା ପିଛା ନଛାଡ଼ି ପଣତଟାଣିବାର ଦୁଃସାହସ କରି କହିଲା- ମା ଯଶୋମତି ଆମେତ ତୁମର ସେଇ ଲାଡେଲା କାହ୍ନା (ଆଣ୍ଠୁଆ ଗୋପାଳ), ଭାରି ଶୋଷ ।

ବାଷ୍ପରୁଦ୍ଧ କଣ୍ଠ ତାର ପ୍ରତିବାଦର ସ୍ୱର ଉଠାଇବାର ଶକ୍ତି ହରାଇ ବସିଥିଲା ।

ପ୍ରତି ସ୍ତରେ, ପ୍ରତି କ୍ଷେତ୍ରରେ ଆକ୍ଷେପୋକ୍ତି, ଆଉ ସାମ୍ନା କରିପାରୁନି କଇଁ । ନିଜେ କଳୁଷିତ ନା ତା ଚତୁଃପାର୍ଶ୍ୱର ବାତାବରଣ ପ୍ରଦୂଷିତ ଠଉରାଇ ପାରୁନି ସେ ଏବେ ଆଉ । ବିକ୍ଷିପ୍ତ ଚିନ୍ତାଧାରା । ବିଷର୍ଣ୍ଣ ମୁଖ ମଣ୍ଡଳ । କ୍ଷୀଣ ସ୍ମୃତି ଶକ୍ତି ।

ତୁହାକୁ ତୁହା ବର୍ଷା ରାତିସାରା । ଭୀଷଣ ମେଘ ଗର୍ଜନ ସାଙ୍ଗକୁ ଦଲକାଏ ଦଲକାଏ ଶୀତଳ ପବନ । ସତେ କି ସେଇ ଅଶରୀରି ଆତ୍ମା ସହ ରାଜା ବିକ୍ରମାଦିତ୍ୟ ବେତାଳ ସାଧନା ପାଇଁ ଶୂନ୍‌ଶାନ ସେଇ ଶଶ୍ମାନ ଭୂମିରେ ।

ପାହି ଯାଇଛି ରାତି । ଉନ୍ମୁକ୍ତ କବାଟ ଝରକା ସେମିତି ଖୋଲା ପଡିଛି । ସେଦିନ ଠାରୁ ଆଉ କେହି ଦେଖୁନି କଇଁକୁ । କିଏ କେତେ ପ୍ରକାର କହୁଛି । ରାତି ସାରା କୁଆଡେ ଉନ୍ମାଦିନୀ ହୋଇ ସେ ଚିତ୍କାର କରୁଥିଲା ଠିକ୍ ପାଗଳର ପ୍ରଳାପ ଭଳି । ଆଉ କିଏ କହୁଥିଲା ବଳାତ୍କାରର ଶିକାର ହୋଇ ଲାଜରେ କାହାକୁ ମୁହଁ ଦେଖାଇ ନପାରି ଘର ଛାଡିଛି ସେ । ଆଉ କେହି କହୁଥିଲା ତା ସ୍ମୃତିରେ ତ ସ୍ୱୟଂ ଈଶ୍ୱର, ତାକୁ ସେ ବଦ୍ରିନାରାୟଣ ଧାମରେ ଦେଖି ଆସିଛି, କି ନିର୍ବିକାର, ସୁଲଳିତ ବୀଣାଜିଣା କଣ୍ଠରେ ଅନାବିଳ କୃଷ୍ଣ ପ୍ରେମର ମଧୁମୟ ମୂର୍ଚ୍ଛନା ସତରେ । ମୀରାବାଈଙ୍କର ବିକଳ୍ପ ରୂପ ।

ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ-୧

ମୋ : ୮୩୩୯୦୫୧୧୭୩

୦୦୦

SSC
BANK
RAILWAY
ONLINE TEST

PANDA CLASSES

74-A, BJB Nagar, BBSR
9439850124
7894502318
ASO

# ଦ୍ୱିତୀୟ ସତ୍ୟ

ସଚ୍ଚିଦାନନ୍ଦ କର

ଏମିତି ଲଙ୍ଗଳା ମୁକୁଳା ହୋଇ କୁଆଡେ ଧାଇଁଛ କି, ବନ୍ଧୁ ? ଏଁ ! ଦୌଡୁଦୌଡୁ ଅଟକିଗଲି ମୁଁ । କିଏ ସେ ଏମିତି ପ୍ରଶ୍ନ କଲାବୋଲି ବୁଲିବୁଲି ଚାରିଆଡ଼କୁ ଚାହିଁଲି । କାହାକୁ ଦେଖିପାରିଲିନି । ଆତ୍ମବିଶ୍ୱାସ ମନକୁ ଫେରାଇ ପୁଣି ଦୌଡ଼ିବାକୁ ଲାଗିଲି ।

ବନ୍ଧୁ! ସତରେ ଏମିତି ଲଙ୍ଗଳା ମୁକୁଳା ହୋଇ କୁଆଡେ ଧାଇଁଛ ? ଆଶ୍ଚର୍ଯ୍ୟ ! କିଏ ଏମିତି ପ୍ରଶ୍ନ ପଚାରୁଛି ମତେ ? ମୁଁ ଅଟକି ଗଲି ଚାରିଆଡ଼କୁ ଚାହିଁଲି । କେହି ଜଣେ ଦିଶୁନଥିଲେ ।

ମୋ ଆଖିଦୁଇଟା ନଷ୍ଟ ହୋଇଗଲାଣି କି ? ମୋତେ ଆଉ କିଛି ଦେଖାଯାଉ ନାହିଁ କି ? ନିଜକୁ ପଚାରିଲି ଏ ପ୍ରଶ୍ନ ।

ମୋତେ ଖୁବ୍ ଭଲ ଦିଶୁଥିଲା । ନହେଲେ ମୁଁ ଦୌଡୁଥିଲି କେମିତି ? ଅନ୍ଧ ତ ବାଟ ଚାଲିପାରେ ନାହିଁ ।

ଭାବିଲି ସେ ଅଦୃଶ୍ୟ ଲୋକଟା ମତେ ଜମାରୁ ଛାଡ଼ିବ ନାହିଁ । ବରଂ ତାକୁ ତା' ପ୍ରଶ୍ନର ଉ ତ୍ତ ର ଦେଇ ଦିଆଯିବା ଭଲ । ତା' ପରେ କେଜାଣି ନିଶ୍ଚିନ୍ତରେ ଦୌଡ଼ିହେବ । ବାରମ୍ବାର ଏକାଗ୍ରତା ନଷ୍ଟ ହେବା ଆଦୌ ଭଲନୁହେଁ ।

- ଦେଖ, ମୋର କିଛି ଲକ୍ଷ୍ୟ ଅଛି । କିଛି ସ୍ୱପ୍ନ ଅଛି । କିଛି ପାଇବାର ଅଛି । କିଛି ହେବାକୁ ଚାହୁଁଛି ମୁଁ । ସେଥିପାଇଁ ମୋର ଏ ଦୌଡ଼ । ତୁମର କିଛି ଅସୁବିଧା ଅଛି କି ସେଥିରେ ? ପ୍ରଶ୍ନ ପଚାରି ବାରମ୍ବାର ମୋର ଏକାଗ୍ରତା ନଷ୍ଟ କରିବା ତୁମର ଆଦୌ ଠିକ୍ ହେଉନି । ତୁମକୁ ତୁମ ପ୍ରଶ୍ନର ଉ ତ୍ତ ର ଏବେ ତ ମିଳିଗଲା ? ଦେଖ, ମୋତେ ଆଉ ବିରକ୍ତ କରିବନି । ବୁଝାଇ ଦେବା ଭଙ୍ଗୀରେ ମୁଁ କହିଲି ।

ତା'ପରେ ମୁଁ ପୁଣି ଦୌଡ଼ିବାକୁ ଲାଗିଲି । ମୋର ଲକ୍ଷ୍ୟ, ମୋର ପ୍ରଶ୍ନ, ମୋର ଯାହା ପାଇବାକୁ ଥିଲା, ମୁଁ ଯାହା ହେବାକୁ ଚାହୁଁଥିଲି - ସବୁ ମୋ ଆଖି ଆଗରେ ଗୋଟେ ରୂପା ଜହ୍ନ ପରି ମୋତେ ଦିଶୁଥିଲା । ସଫାସଫା ସବୁ ଦେଖିପାରୁଥିଲି ମୁଁ । ମୋତେ ଲାଗୁଥିଲା ଯେମିତି ସେମାନେ ସବୁ ହସହସ ହୋଇ ମୋ ଆଡ଼କୁ ଦୌଡ଼ିବାରେ ଲାଗିଛନ୍ତି ।

ରାସ୍ତାର ଦୁଇ ପାର୍ଶ୍ୱରେ ଠିଆ ହୋଇଥିଲେ ଦେଖଣାହାରୀ ଲୋକ । ଶହଶହ ଲୋକ । ମୁଁ ସେମାନଙ୍କୁ ବାଟ ଛାଡ଼ିବାକୁ ଅନୁରୋଧ କଲି । ସେମାନେ ପଛକୁ ଟିକେଟିକେ ଘୁ ଞ୍ଚିଗଲେ । ମୋତେ ଭାରି ଖୁସି ଲାଗିଲା । ମୁଁ ପୁଣି ଦୌଡ଼ିବାକୁ ଲାଗିଲି ।

କ'ଣ କିଛି ପାଇଲୁଣିନାରେ ? ସ୍ୱପ୍ନ, ଲକ୍ଷ୍ୟ ସବୁ ପୂରଣ ହେଲାଣି ନା ତୋର ? ଯାହା ହେବାକୁ ଚାହୁଁଥିଲୁ ହେଲୁଣିନା ?

ନୂଆ ପ୍ରଶ୍ନ ! ମୁଁ ଆଚମ୍ବିତ ହେଲି । ଅଟକିଗଲି, ଚାରିଆଡ଼କୁ ଚାହିଁଲି । ପୂର୍ବପରି କାହାକୁ ଦେଖିପାରୁନଥିଲି ମୁଁ ।

ଭାବିଲି ଇଏ ବୋଧହୁଏ ସେହି ଅଦୃଶ୍ୟ ମଣିଷ । ଯାଉଛି ତା' ପ୍ରଶ୍ନର ଉ ତ୍ତ ର ଦେଇଦେବି । ନ ହେଲେ ଛାଡ଼ିବନି ସେ । ମୋ ପଛେପଛେ ଦୌଡ଼ିବାକୁ ଲାଗିବ । ମୋତେ ପୁଣି ସେଇଭଳି ପ୍ରଶ୍ନ ପଚାରି ବିରକ୍ତ କରିବ ।

କହିଲି - 'ଆରେ ବାବୁ ! ସ୍ୱପ୍ନ, ଲକ୍ଷ୍ୟ ପୂରଣ

ହେବା କ'ଣ ସହଜ କଥା ? ଯିଏ ଯାହା ପାଇବାକୁ, ହେବାକୁ ଚାହିଁଥାଏ, କ'ଣ ସହଜରେ ପାଇଯାଏ ନା ହୋଇଯାଏ ? ମୁଁ ତ ଆଉ ବସିଯାଇନି । ଦେଖ୍ ସେଥିପାଇଁ ତୁ ଏତେ ବ୍ୟସ୍ତ ହେବା, ମୋ ପଛରେ ପଡ଼ିବା କ'ଣ ଠିକ୍ ହେଉଛି ? ମୋତେ ମୋ କାର୍ଯ୍ୟ କରିବାକୁ ଦେ ରେ ବାବୁ । ଦେଖ୍, ମୁଁ କ'ଣ କରିପାରୁଛି ।

ମୋ କଥା ସବୁ ସେ ଶୁଣିଲା ଭଳି ମୋ ଲାଗିଲା । ଖୁସି ହେଲି, ପୁଣି ଦୌଡ଼ ଆରମ୍ଭ କରିଦେଲି । ବାସ୍ତବରେ ନିଜର ସ୍ୱପ୍ନ, ଲକ୍ଷ୍ୟ ପୂରଣ କରିପାରିନଥିଲି ମୁଁ । ଯାହା ପାଇଯିବି ବୋଲି ଭାବିଥିଲି ତାହା ପାଇ ପାରିନଥିଲି । ଯାହା ହେବାକୁ ଚାହିଁଥିଲି ହୋଇପାରିନଥିଲି ।

ପୁଣି ଆରମ୍ଭ କରି ଦୌଡ଼ । ଦୌଡ଼ିବାକୁ ଲାଗିଲି । ଆମେ ଦୌଡ଼ିବା ବେଳେ ନିଜ ଭିତରୁ ଉତ୍ସାହ ସଂଗ୍ରହ କରି ଦୌଡ଼ୁଥିଲି । ଏବେ କାହିଁକି ତାହା କମିଯାଇଥିବା ପରି ଜଣାପଡୁଥିଲା । ମୋ ଲକ୍ଷ୍ୟ, ମୋ ସ୍ୱପ୍ନ ମୋତେ ଆଗଭଳି ଦିଶୁନଥିଲେ । ଯାହା ପାଇବି ବୋଲି ଭାବିଥିଲି, ତାହା ବି ଆଉ ସେଦିନର ରୂପାଜହ୍ନ ପରି ଦିଶୁନଥିଲା । ଯାହା ହେବାକୁ ଚାହିଁଥିଲି ତାହା ସବୁ ଝାପ୍‌ସା ଝାପ୍‌ସା ଲାଗୁଥିଲେ । ଦୌଡ଼ିବାବେଳେ ମୁଁ ବି କିଛିଟା ପୀଡ଼ା ଅନୁଭବ କରୁଥିଲି । ଆଗଭଳି ଦୌଡ଼ି ପାରୁନଥିଲି । ଆଗକୁ ଆଉ ଦୌଡ଼ି ପାରିବି କି ନାହିଁ ମନରେ ସନ୍ଦେହ ଆଣୁଥିଲି । ଦୌଡ଼ୁଦୌଡ଼ୁ ବେଳେବେଳେ ଝୁଣ୍ଟି ପଡୁଥିଲି ।

କିରେ ! ତୋର ଏ ପୁଣି କ'ଣ ହେଲା ? ତୁ କ'ଣ ଥକିଗଲୁକି ? ନା ତୋ ଆଖିକୁ ଆଉ ଦିଶୁନି ?

ସେ ମୋତେ ପୁଣି ପଚାରିଲା ଏ ପ୍ରଶ୍ନ ।

ମୁଁ ଚୁପ୍ ରହିଗଲି । ପ୍ରଥମେ ଭାବିଲି କିଛି ବି କହିବି ନାହିଁ ତା' ପ୍ରଶ୍ନର ଉତ୍ତରରେ । ସେ କିନ୍ତୁ ଛାଡ଼ିଲାନାହିଁ ମୋତେ । ପୁଣି ପଚାରିଲା ତା'ର ସେଇସବୁ ପ୍ରଶ୍ନ ।

ଇଚ୍ଛା ନଥିଲେ ବି ତା'ର ଖୁସି ପାଇଁ କହିଲି - ମୋ ଆଖିକୁ ଆଉ ଦିଶୁନି ସତରେ । ମୁଁ ଆଉ ଦୌଡ଼ିପାରୁନି । ଲୋକେପରା ମୋତେ ଏବେ ଅନ୍ଧ କହିବାକୁ ଲାଗିଲେଣି । ଗୋଟାଏ ଅନ୍ଧର ସ୍ୱପ୍ନ, ଲକ୍ଷ୍ୟ ବୋଲି କିଛି ଥାଏ କି ? କିଛି ପାଇବାକୁ ଭାବିଥାଏ କି ସେ ? କିଛି ହେବାକୁ ଚାହିଁଥାଏ କ'ଣ ? ହେଲେ ମୋର ଲକ୍ଷ୍ୟ, ମୋର ସ୍ୱପ୍ନ ମୋ ଆଡ଼କୁ ଆସିବାର ମୁଁ ଦେଖିପାରିଛି । ଯାହା ପାଇବାକୁ ଥିଲା ତାହା ପାଇଛି । ଯାହା ହେବାକୁ ଥିଲି ତାହା ହୋଇଛି ।

ଏହାପରେ ପୁଣି ଦୌଡ଼ିବାକୁ ଚେଷ୍ଟାକଲି ମୁଁ । ହେଲେ ସତସତ ଦୌଡ଼ିପାରିଲି ନାହଁ । କାରଣ ସେତେବେଳେକୁ ମୁଁ ସଂପୂର୍ଣ୍ଣ ଅନ୍ଧ ହୋଇସାରିଥିଲି । ମୋତେ ଆଉ କିଛି ବି ଦିଶୁନଥିଲା । ନିଜର ଶକ୍ତି, ସାମର୍ଥ୍ୟ ସୃଜନତା - ସବୁକିଛି ହରାଇ ସାରିଥିଲି ମୁଁ । ଜୀବନଟା ଦୁଃଖପୂର୍ଣ୍ଣ ହୋଇସାରିଥିଲା ।

ଧୀରେ ଧୀରେ ଦୁଃଖ, ଅବସୋସ ଓ ଅନୁତାପ ମୋତେ ଆୟତ୍ତ କରିନେଲେ । କାହିଁକି ଦୌଡୁଥିଲି ? କାହିଁକି ଥକିଗଲି ? କାହିଁକି ଆଉ ଦୌଡ଼ିପାରିଲିନି ? ନିଜକୁ ପଚାରିବାକୁ ଲାଗିଲି ମୁଁ ।

ବୁଦ୍ଧଦେବଙ୍କ ଦ୍ୱିତୀୟ ସତ୍ୟକୁ ଟିକେ ମନେପକାଅ ବନ୍ଧୁ । ସେ କହିଲା

ଆଁ ! ମୋ ସ୍ୱପ୍ନ, ମୋ ଲକ୍ଷ୍ୟ, ଯାହା ପାଇବାକୁ ଚାହୁଁଥିଲି, ଯାହା ହେବାକୁ ଆଶା କରିଥିଲି - ଏ ସବୁ ତା'ହେଲେ କ'ଣ ମୋର ତୃଷ୍ଣା ଥିଲା ? ହଁ, ହୋଇପାରେ......।

ନିର୍ମାଲ୍ୟ
ନୂଆପଡ଼ା, ନୂଆବଜାର, କଟକ-୪
ମୋ - ୯୮୬୧୨୧୧୦୮୨

୦୦୦

# ବସ୍ତିବାସୀ ଓ ବ୍ୟାୟାମଶାଳା

ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତ

ସହର ଠାରୁ ମାତ୍ର କୋଶେ ଦୂରତାରେ ଥିବା ବସ୍ତିରେ, ଦିନେ ଘଟିଲା ଏକ ରମଣୀୟ ଘଟଣା, ବସନ୍ତ ଋତୁର ଏକ ସକାଳେ, ବସ୍ତିବାସୀ ବିଛଣା ଛାଡ଼ିବା ବେଳକୁ, ବସ୍ତିର ପ୍ରବେଶଦ୍ୱାରରେ ବନ୍ଧା ହୋଇଥିଲା ଏକ ସୁନ୍ଦର ତୋରଣ ।

କେଇଜଣ ବସ୍ତିବାସୀ ନିଜର ବୁଦ୍ଧିଖର୍ଚ୍ଚ କରି କହିଲେ, "ନେତା ଆସିଲେ ବା ସଭା ଆୟୋଜନ ହେଲେ, ଏଭଳି ତୋରଣମାନ ବନ୍ଧାଯିବାର ନଜିର ଅଛି ।"

ବସ୍ତିବାସୀ ଆଲୋଚନାରେ ମଗ୍ନ ଥିବାବେଳେ, ଜିଲ୍ଲା କାର୍ଯ୍ୟାଳୟର ଜଣେ କର୍ମଚାରୀ ମାଇକ୍ ଯୋଗେ ଘୋଷଣା କଲେ, "ଆଜି କଲେକ୍ଟର ବସ୍ତିକୁ ଆସିବେ । ଆଜି ବସ୍ତିରେଏକ ସଭା ହେବ ।"

ବସନ୍ତର ଶୀତଳ ମଳୟ ପବନ ଭଳି ବସ୍ତିବାସୀଙ୍କୁ ଏକଥା ଶୁଭିଲା ଖୁବ୍ ମନୋରମ ।

କେହିକେହି କହିଲେ, "ବାଃ ! କଲେକ୍ଟର ହେବ ତ ଏମିତି!" ଦିନ ଏଗାରଟା ବେଳକୁ, ନଗର ପାଳିକା ଅଧିକାରୀ ଓ କଲେକ୍ଟରଙ୍କ ସମେତ ଦଶ,ବାର ଜଣ ମାନ୍ୟଗଣ୍ୟ ବ୍ୟକ୍ତି ବସ୍ତିରେ ପହଞ୍ଚିଥିଲେ ।

କଲେକ୍ଟର ମହୋଦୟ ଭାଷଣ ଆରମ୍ଭ କଲେ "ମୁଁ ଜାଣେ, ସହର ଠାରୁ ମାତ୍ର କେଇ ହାତ ଦୂରତାରେ ରହି ମଧ୍ୟ ସମସ୍ତ ସୁବିଧା ସୁଯୋଗଠାରୁ ଆପଣମାନେ ବଞ୍ଚିତ । ଏହା ଉଚିତ୍ ନୁହେଁ, ଅତଏବ ଆମେ ସ୍ଥିର କରିଛୁ, ବସ୍ତି ପାଖ ଖାଲି ପଡ଼ିଆରେ ଜିମ୍‌ଟିଏ ଖୋଲାଯିବ । କେବଳ ବସ୍ତିବାସୀଙ୍କ ନିମନ୍ତେ, ଆପଣମାନେ ଜିମ୍ ଯାଇ ନିଜକୁ ସୁସ୍ଥ ରଖିପାରିବେ ।"

"ଜିମ୍ ! ସେଇଟା କ'ଣ ଆଜ୍ଞା !" ମିଳିତ ଭାବେ ଅନେକଙ୍କ କଣ୍ଠରୁ ଶୁଭିଲା ।

କଲେକ୍ଟର ମହୋଦୟ ସାମାନ୍ୟ ହସି କହିଲେ, "ଓଃ! ହୋ, ଜିମ୍ ବୋଇଲେ ବ୍ୟାୟାମ ଶାଳା, ଆପଣମାନେ ଜାଣନ୍ତି! ବ୍ୟାୟାମ ଶରୀର ପାଇଁ ଭାରି ହିତକର, ପ୍ରତିଦିନ ବ୍ୟାୟାମ କଲେ ଶରୀର ସୁସ୍ଥ ରହେ, ରାତିରେ ଭଲ ନିଦ ହୁଏ । ନ ହେଲେ ପୁଣି ଆପଣମାନଙ୍କୁ ନିଦ ପାଇଁ, ନିଦ ଔଷଧ ଖାଇବାକୁ ପଡ଼ିବ ।"

ନିଦ ପାଇଁ ଔଷଧ! ଜର, ଝାଡ଼ା, ବାନ୍ତି ବା ପେଟକଟା ପାଇଁ ସିନା ଔଷଧ ଥାଏ । ନିଦ ପାଇଁ ପୁଣି ଔଷଧ! ବିଶ୍ୱାସ ଯୋଗ୍ୟ ନୁହେଁ । ବସ୍ତିବାସୀ ସନ୍ଦେହ ପ୍ରକାଶ କଲେ ।

ପଚିଶ ବର୍ଷିୟା ରୀନା କହିଲା, "ହଁ! ମୁଁ ଜାଣେ, ଏମିତି ଔଷଧ ଅଛି ।" ବସ୍ତିବାସୀଙ୍କ ନଜର ବକ୍ତା ମଣ୍ଡଳୀଙ୍କ ଉପରୁ ଆସି ରୀନା ଉପରେ ନିବଦ୍ଧ ହେଲା, ରୀନା ବିବରଣୀ ଦେଲା, ସେ ଯେଉଁ ଭଦ୍ରମହିଳାଙ୍କ ଘରେ କାମ କରେ, କେବେକେବେ ସେ କୁହନ୍ତି, "କାଲି ରାତିରେ ନିଦ ଔଷଧ ଖାଇବା ସତ୍ତ୍ୱେ ତାଙ୍କୁ ନିଦ ହେଲାନି!''

ରୀନା କଥା ଶୁଣି, ବସ୍ତିବାସୀ ଚମକୃତ ହେଲେ, ଆଃ! ହା! ପରୀ କାହାଣୀ ଭଳି ଲାଗୁଛି । ନିଦ ପାଇଁ

ଔଷଧ ଆବଶ୍ୟକ! ଔଷଧ ଖାଇଲାପରେ ମଧ ନିଦ ହେଉନି! ଆଶ୍ଚର୍ଯ୍ୟ....!

ବନା ସାହୁ କହିଲା, ଆଜ୍ଞା! ବସ୍ତିରେ ପ୍ରାୟ ସମସ୍ତେ ହେଉଛନ୍ତି ଦିନ ମଜୁରିଆ, ଦିନସାରା ଅକ୍ଲାନ୍ତ ପରିଶ୍ରମ କଲାପରେ, ରାତିରେ ବିଛଣାରେ ପଡିଲା ମାତ୍ରେ ନିଦ, ତା'ଛଡ଼ା ବ୍ୟାୟାମଶାଳା ଯିବାକୁ ଆମ ପାଖରେ ସମୟ କାହିଁ?

ନଗର ପାଳିକା ଅଧିକାରୀ ସାହାଯ୍ୟ ବଦନରେ କହିଲେ, "ଆପଣମାନେ ନ ଯାଇ ପାରିଲେ କ'ଣ ହେଲା? ଆପଣଙ୍କ ପତ୍ନୀମାନେ ଯିବେ। ସେମାନଙ୍କ ଶରୀର ମଧ ସୁସ୍ଥ ରହିବ। ନ ହେଲେ, ଘରେ ବସି, ଅଯଥାରେ ପତ୍ନୀମାନେ ମୋଟେଇ ଯିବାର ଆଶଙ୍କା ଅଛି।"

ବସ୍ତିବାସୀ ଚିନ୍ତାମଗ୍ନ ହେଲେ, ସତରେ କ'ଣ ବ୍ୟାୟାମଶାଳାଟିଏ ଲୋଡ଼ା!

ଅଠର ବର୍ଷ ବୟସ୍କ ବାଳକ ଚିଣ୍ଟୁ ମନେପକାଇ କହିଲା, କିନ୍ତୁ ନଗର ପାଳିକା ଅଧିକାରୀ ଗତବର୍ଷ କହିଥିଲେ, ଖାଲି ପଡ଼ିଆରେ ବସ୍ତିବାସୀଙ୍କ ନିମନ୍ତେ ଡାକ୍ତର ଖାନାଟିଏ ତିଆରି ହେବ। ସହରରେ କୋଡ଼ିଏରୁ ଅଧିକ ସରକାରୀ ଓ ବେସରକାରୀ ଡାକ୍ତରଖାନା ଥିବା ସତ୍ତ୍ୱେ, ଆମେ ଖୁବ୍ ଅସୁବିଧାର ସମ୍ମୁଖୀନ ହେଉଛୁ। ବେସରକାରୀ ଡାକ୍ତରଖାନାର ଖର୍ଚ୍ଚ ଉଠାଇବା ଆମ ପକ୍ଷେ ସମ୍ଭବ ନୁହେଁ ଏବଂ ସରକାରୀ ଡାକ୍ତରଖାନାରେ ସର୍ବଦା ସୁବିଧା ଠାରୁ ଚାରିଗୁଣା ଅଧିକା ରୋଗୀ।"

ନଗରପାଳିକା ଅଧିକାରୀ ନିଶ କୁଣ୍ଢାଇଲେ। "ଏ ପିଲା ଠିକ୍ କହିଛି, ମୁଁ, କହିଥିଲି ଡାକ୍ତରଖାନାଟିଏ ତିଆରି ହେବ ବୋଲି, କିନ୍ତୁ ଅନେକ ପର୍ଯ୍ୟାଲୋଚନା କଲାପରେ ଆମେ ବୁଝିଲୁ ଯେ ଏଠାରେ ଡାକ୍ତରଖାନା ନୁହେଁ ଜିମ୍‌ର ଆବଶ୍ୟକତା ଅଧିକ। ତେଣୁ ଆମେ ନିଷ୍ପତ୍ତି କରିଛୁ ଖାଲି ପଡ଼ିଆରେ ଜିମ୍‌ଟିଏ ଖୋଲାଯିବ। ପରେ ଲୋଡ଼ାହେଲେ ଡାକ୍ତରଖାନାଟିଏ ବି ଖୋଲିଦେବା, ସେଥିପାଇଁ ଏତେ ବ୍ୟସ୍ତ କାହିଁକି ?"

ବସ୍ତିବାସୀ ବୁଝିଗଲା ପରି ମୁଣ୍ଡ ହଲାଇଲେ, ବକ୍ତା ମଣ୍ଡଳୀ ଆଶ୍ୱସ୍ତ ହେଲେ।

ଦୁଇ ଦିନ ପରେ ଦେଖାଗଲା, କିଛି ଲୋକ ଖାଲି ପଡ଼ିଆରେ ମାପଚୁପ କରୁଛନ୍ତି। ତା'ପରେ ଖାଲି ପଡିଆରୁ ଶୁଣାଗଲା ଶବ୍ଦ। ବସ୍ତିବାସୀ ଭାରି ଖୁସିଥିଲେ। ହେଉପଛେ ବ୍ୟାୟାମ ଶାଳା, କିନ୍ତୁ ହେଉଛି ତ ତାଙ୍କ ନିମନ୍ତେ, ଚାହୁଁ ଚାହୁଁ ମାତ୍ର ମାସ କେତେଟାରେ ବସ୍ତିଠାରୁ କେଇଗୁଣ ବଡ଼ ଏକ ବିରାଟ କୋଠାଘର ଖାଲି ପଡ଼ିଆରେ ଠିଆହେଲା। ସହରରେ ମଧ ଏତେବଡ଼ କୋଠାଘର ଥିବା ଥିଲା ସନ୍ଦେହ। ବାହାର ଦେଖିଲେ ମନେହେଉଥିଲା ସତେ ଅବା ଏକ କାଚର ଘର। ଯୋର କରି ପାଦ ଥାପିଦେଲେ ଏଇନେ ଭାଙ୍ଗି ଚୁରମାର ହୋଇଯିବ। ଏଡ଼େ ସୁନ୍ଦର ଘରଟିରେ ବସ୍ତିବାସୀ ପାଦ ରଖିବାକୁ ଉଚିତ୍ ମଣୁନଥିଲେ। ଅତଏବ ସେମାନେ ବ୍ୟାୟାମଶାଳା ଭିତରକୁ ଯିବା ପରିବର୍ତ୍ତେ, ବାହାରେ ରହି ବିଲିଡିଂର କାଚରେ ନିଜକୁ ଦେଖିବାରେ ଖୁବ୍ ସନ୍ତୋଷ ପାଉଥିଲେ।

କିଛିଦିନ ପରେ ଦେଖାଗଲା, ଚାରିଜଣ ବନ୍ଧୁକଧାରୀ ଲୋକ ବ୍ୟାୟାମଶାଳା ଆଗରେ ରାତିଦିନ ଠିଆ ହୋଇ ରହିଲେ। ଧିରେଧିରେ ବ୍ୟାୟାମଶାଳାର ଚାରିପଟେ ଲୁହାର ଫାଟକ ଟିଏ ତିଆରି ହେଲା। ତେଣିକି ଆଉ ବସ୍ତିବାସୀ ବ୍ୟାୟାମଶାଳା ପାଖକୁ ମଧ ଯିବାକୁ ସାହାସ କଲେନାହିଁ।

ମନେମନେ ବସ୍ତିବାସୀ ଖୁବ୍ ଦୁଃଖୀ ହେଲେ, ବ୍ୟାୟାମଶାଳାର କାଚରେ ନିଜକୁ ନ ଦେଖିପାରି, ଅବଶ୍ୟ ଯେତେ ଗରୀବ ହେଲେ ମଧ୍ୟ ସମସ୍ତଙ୍କ ଘରେ ଦର୍ପଣ ଥିଲା । କିନ୍ତୁ ସେଥିରେ କେବଳ ମୁହଁଟିମାନ ଦେଖି ହେଉଥିଲା । ଯେଉଁଦିନ ଠାରୁ ସେମାନେ ନିଜର ପୁରା ଶରୀର ଦେଖିବାକୁ ସକ୍ଷମ ହୋଇଥିଲେ, ବ୍ୟାୟାମଶାଳା କାଚରେ । ନିଜକୁ ସମ୍ପୂର୍ଣ୍ଣ ଧନ୍ୟ ମନେକରୁଥିଲେ ।

ପ୍ରଥମଥର ପାରନାନା ନିଜର ସର୍ବାଙ୍ଗ ଦେଖି ଏକବାର ଲାଜେଇ ଯାଇଥିଲା, ଏବଂ କ୍ଷଣିକ ପାଇଁ ନିଜକୁ ଯୁବତୀ ମନେ କରିଥିଲା । ପରେ ମୁହଁ ଶୁଖାଇ କହିଥିଲା, "ଭଗବାନ ଯାହା ଏ ସୁଖ ମୋ ସ୍ୱାମୀ କପାଳରେ ଲେଖିଲାନି, ବିଚରା... ଆଜି ବଞ୍ଚିଥିଲେ କେତେ ଖୁସି ନହୋଇଥାନ୍ତା ।" ପାରନାନୀ ହାତଯୋଡ଼ି ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଥିଲା । ନିଜେ ଜୀବିତ ରହି ଏଭଳି ସୁଖର ଅଧିକାରିଣୀ ହୋଇପାରିଥିବାରୁ ଭଗବାନଙ୍କୁ କୃତଜ୍ଞତା ଜଣାଇଥିଲା ।

ବସ୍ତି ପାଖରେ ବ୍ୟାୟାମଶାଳା ପରଠାରୁ, ପ୍ରତିଦିନ ସଞ୍ଜରେ ବସ୍ତିବାସୀ ବ୍ୟାୟାମଶାଳା ବିଷୟରେ ଗପ କରୁଥିଲେ । ଭିତର କେମିତି ହୋଇଥିବ! କ'ଣ ଥିବ! ଇତ୍ୟାଦି, କିନ୍ତୁ ଯେତେ ଗପ କଲେ ମଧ୍ୟ, ବସ୍ତିବାସୀ ଥରୁଟିଏ ବି ବ୍ୟାୟାମଶାଳା ଭିତରକୁ ଯିବାପାଇଁ ମନ ବଳାଉ ନଥିଲେ ।

ଅନେକ ଦିନ ବିତିଯାଇଥିଲା, ଖାଲି ପଡ଼ିଆରେ ତୋଳା ହୋଇଥିବା ସୁରମ୍ୟ ବ୍ୟାୟାମଶାଳାଟି କିନ୍ତୁ ପରିତ୍ୟକ୍ତ ହୋଇ ରହିଥିଲା, କେବଳ ଯାହା ବାହ୍ୟ ଚାକଚକ୍ୟ ବସ୍ତିବାସୀଙ୍କ ମନ ମୋହୁଥିଲା । ସର୍ବଦା ଖାଲି ରହୁଥିବା ବ୍ୟାୟାମଶାଳାକୁ ଦିନରାତି ବନ୍ଧୁକଧାରୀ ଚୌକିଦାରମାନେ ଜଗିରହୁଥିଲେ । ଭିତରକୁ କେହି ନଯିବା ସତ୍ତ୍ୱେ, ଚୌକିଦାରମାନେ କିନ୍ତୁ ତାଙ୍କ କର୍ତ୍ତବ୍ୟ ସୂଚାରୁରୂପେ ତୁଲାଉଥିଲେ । ଥରୁଟିଏ ବି କାହାକୁ ବସିପଡ଼ିବାର ବା ଢୁଳାଇବାର ଦେଖାଯାଉନଥିଲା । ସର୍ବଦା ବନ୍ଧୁକଗୁଡ଼ିକୁ ଲକ୍ଷ୍ୟଭେଦ କରିବା ଭଙ୍ଗୀରେ ଧରି ଠିଆ ହୋଇ ରହୁଥିଲେ । ସତେ ବା ଭୁଲ୍‌ରେ କେହି ବ୍ୟାୟାମଶାଳା ହତାକୁ ପାଶିଗଲେ, ତତ୍‌କ୍ଷଣାତ୍ ବନ୍ଧୁକଧାରୀମାନେ ତାକୁ ଗୁଳିଦ୍ୱାରା ଧରାଶାୟୀ କରିଦେବେ । ଅତଏବ ବ୍ୟାୟାମଶାଳା ଭିତରକୁ ଯିବାକଥା ଦୂର, ଏଣିକି ବସ୍ତିବାସୀ ବ୍ୟାୟାମଶାଳା ଆଗଦେଇ ଗଲାବେଳକୁ ଛାତିରେ ଛେପ ପକାଇ ଯିବା ଆରମ୍ଭ କରିଥିଲେ ।

କିନ୍ତୁ......! ଥରେ ଘଟିଲା ଏକ ଅବିଶ୍ୱାସନୀୟ ଘଟଣା, ରାତିରେ କିଛି ଚୋର ବ୍ୟାୟାମଶାଳା ଭିତରେ ପଶି, କେତୋଟି ଯନ୍ତ୍ର ଚୋରିକରିନେଲେ । ସାଙ୍ଗରେ ବନ୍ଧୁକଧାରୀମାନଙ୍କର ବନ୍ଧୁକ ମଧ୍ୟ । ରାତି ପାହିବା ମାତ୍ରେ ଖବରଟା ବସ୍ତି ସହିତ ସହରକୁ ମଧ୍ୟ ଖେଳି ଯାଇଥିଲା । ଅଳ୍ପ ସମୟ ମଧ୍ୟରେ କଲେକ୍ଟର ମହୋଦୟ ତାଙ୍କର କେତେଜଣ ସାଥୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ଥାନାବାବୁ ମଧ୍ୟ ଆସିଥିଲେ । ତଦନ୍ତ ପରେ ଜଣା ପଡିଥିଲା ବ୍ୟାୟାମଶାଳା ଭିତରୁ ପ୍ରାୟ ଚାରିଲକ୍ଷ ଟଙ୍କାର ଜିନିଷ ଚୋରୀ ଯାଇଛି, ଚୋରୀ ଯାଇଥିବା ଜିନିଷର ଦାମ୍ ଶୁଣି ବସ୍ତିବାସୀଙ୍କ ଆଖିବଡ଼ ହୋଇଯାଇଥିଲା । କାହାରି ପାଟିରୁ କଥା ବାହାରିନଥିଲା, କିନ୍ତୁ ବସ୍ତିବାସୀ ଅତ୍ୟଧିକ ଆଚମ୍ବିତ ହୋଇଥିଲେ ଯେ ଚାରିଜଣ ବନ୍ଧୁକଧାରୀ ଅନବରତ ଚୌକିଦାରୀ କରୁଥିବା ସତ୍ତ୍ୱେ ଚୋର ଭିତରେ ପଶିଲା କେମିତି! ଚୋରମାନେ କ'ଣ ଆଉ ଗୁଣୀଗାରେଡ଼ିର ସାହାଯ୍ୟ ନେଇଛନ୍ତି । ଅସମ୍ଭବ ନୁହଁ,

ହୁଏତ ବଶୀକରଣ ମୁଦି ପିନ୍ଧି ଆସିଛନ୍ତି । ନହେଲେ ବନ୍ଧୁକଧାରୀମାନଙ୍କ ଆଖିରେ ଧୂଳି ଦେବା, ଏତେ ସହଜ ବ୍ୟାପାର ନୁହେଁ ।

ପରେ ଅନୁସନ୍ଧାନରୁ ଜଣାପଡିଲା, ବନ୍ଧୁକଧାରୀମାନେ ଜାଗ୍ରତ ଭଙ୍ଗୀରେ ହିଁ ନିଦ୍ରାଯାଉଥିଲେ, ଏବଂ ସାଧାରଣତଃ ବ୍ୟାୟାମଶାଳା ଭିତରକୁ କେହି ଯାଉନଥିବାରୁ, ସେମାନେ ଥିଲେ ବେପରୁଆ । ଅତଏବ ଚୋରମାନେ ବିନା ସଂଘର୍ଷରେ ଭିତରକୁ ଯିବାପାଇଁ ସକ୍ଷମ ହୋଇଛନ୍ତି ।

ଅଳ୍ପଦିନପରେ ପରିସ୍ଥିତି ସ୍ୱାଭାବିକ ହେଲା, ଦେଖାଗଲା ପୁରୁଣା ଚୌକିଦାରମାନେ ବଦଳିଯାଇଛନ୍ତି । ଚାରି ସ୍ଥାନରେ ଆଠ ନୂଆ ଚୌକିଦାର ବନ୍ଧୁକଧରି ବ୍ୟାୟାମଶାଳ ଜଗି ରହୁଛନ୍ତି । ପୂର୍ବ ଚୌକିଦାରମାନଙ୍କ ଠାରୁ ଏମାନେ ଜଣା ପଡୁଥିଲେ ଫୁର୍ତ୍ତି ।

ଚୋରୀ ଘଟଣାର ଛଅମାସ ପରେ, ସୂର୍ଯ୍ୟୋଦୟର ମାତ୍ର କେଇ ଘଣ୍ଟା ପରେ, ସାଏଁ ସାଏଁ ଶବ୍ଦ କରି ନାଲିବତୀ ଜଳାଇ ଦୁଇତିନୋଟି ଗାଡ଼ି ବସ୍ତିଭିତରକୁ ପ୍ରବେଶ କଲା, ପ୍ରଥମେ ବସ୍ତିବାସୀ ଭୟ ପାଇଲେ । ପୁଣି କ'ଣ ବ୍ୟାୟାମଶାଳାରୁ ଚୋରୀ ହେଲା ନା କ'ଣ ?

ଗାଡ଼ି ରହିବା କ୍ଷଣି, ସାମାନ୍ୟ ବିଳମ୍ବ ନକରି କଲେକ୍ଟର ମହୋଦୟ, ନଗର ପାଳିକା ଅଧିକାରୀ ଏବଂ ଆଉ କେତେକ ସରକାରୀ କର୍ମଚାରୀ ଗାଡ଼ିରୁ ଡେଇଁପଡିଲେ ।

ସେତେବେଳକୁ ଗାଡ଼ି ଚାରିପଟେ ବସ୍ତିବାସୀ ଠୁଳ ହୋଇସାରିଥିଲେ, ବାବୁମାନଙ୍କ ମୁହଁରୁ ଜଣାପଡୁଥିଲା, ସେମାନେ ଭାରି ଦୁଃଖୀ, କିନ୍ତୁ କାରଣ.....! ବସ୍ତିବାସୀ ସିନା ମନଦୁଃଖ କଲେ ଶୋଭା ପାଆନ୍ତା ! ସହରୀ ବାବୁମାନଙ୍କୁ କ'ଣ ଏଭଳି କଥା ସାଜେ! ବାବୁମାନଙ୍କ ଆଖିରୁ ଜଣା ପଡୁଥିଲା, ସେମାନେ କାଲି ରାତିରେ ଶୋଇପାରି ନାହାଁନ୍ତି । ଗତକାଲି କାହିଁକି ? ହୁଏତ ଆଠଦିନ ହେଲାଣି ବାବୁମାନେ ଶୋଇ ପାରିନାହାଁନ୍ତି । ଆଠଦିନ...! ବାବୁମାନେ କ'ଣ ଆଉ ଅନିଦ୍ରା ରୋଗ ଭୋଗ କରୁଛନ୍ତି! ହଁ, ହେଇଥାଇପାରେ! ବ୍ୟାୟାମଶାଳା ତ ଏଠି, ହୁଏତ ବ୍ୟାୟାମ ନକରିବା ଦ୍ୱାରା ବାବୁମାନଙ୍କୁ ନିଦ ହେଉନି ।

ପ୍ରାୟ ଏକ ଘଣ୍ଟାର ନୀରବତା ପରେ, କଲେକ୍ଟର ମହୋଦୟ କହିଲେ, "ଆପଣମାନେ ଜାଣିପାରୁଥିବେ ଆମ ମନଦୁଃଖ, ବୋଇଲେ ସରକାରଙ୍କ ମନଦୁଃଖ, କାରଣ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବ୍ୟାୟମଶାଳା ତିଆରି ହେଲା । ଅଥଚ ଆଜିଯାଏଁ ତାହା ବ୍ୟବହାର ହୋଇପାରିଲା ନାହିଁ । ଏବେ ଆପଣମାନେ କୁହନ୍ତୁ କଣ କରିବା ?

ବସ୍ତିବାସୀ ପରସ୍ପର ଅନାଅନି ହେଲେ । ବାସ୍ତବିକ, ସରକାରଙ୍କର ଅନେକ ଟଙ୍କା ପାଣିରେ ପଡିଲା । ଏତେଦିନ ହେଲାଣି ଚୋର କେଇଜଣଙ୍କୁ ଛାଡ଼ିଦେଲେ, ଆଜି ପର୍ଯ୍ୟନ୍ତ ଆଉ କେହି ଭିତରକୁ ମଧ ଯାଇନାହାଁନ୍ତି । ଅବଶ୍ୟ ବସ୍ତିବାସୀ ବ୍ୟାୟାମଶାଳା କାଚରେ ନିଜ ମୁହଁଟିମାନ ଦେଖି ସନ୍ତୁଷ୍ଟ ହୋଇଛନ୍ତି । ସେ ଦୃଷ୍ଟିରୁ ଦେଖିବାକୁ ଗଲେ, ବ୍ୟାୟାମଶାଳାର ସାମାନ୍ୟ ବ୍ୟବହାର ହୋଇଛି, କିନ୍ତୁ କେବଳ ସର୍ବାଙ୍ଗ ଦେଖିବା ଲାଗି କେହି କ'ଣ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରେ ।

ବାସ୍ତବିକ ଭାବିବାର କଥା, ଏବେ କ'ଣ କରାଯିବ? ସହରୀବାବୁମାନେ ମୁହଁ ଓହଳାଇ ଠିଆ

ହୋଇଥାନ୍ତି ।

ବସ୍ତିର ନବଘନ କହିଲା, "ଠିକ୍ ଅଛି, ଲକ୍ଷଲକ୍ଷ ଟଙ୍କା ପାଣିରେ ପଡ଼ିବା ଅପେକ୍ଷା, ବରଂ ଆମେ ବ୍ୟାୟାମଶାଳା ବ୍ୟବହାର କରିବୁ । ଯିଏ ଯେତେବେଳେ ଫାଙ୍କା ରହିବ, ସେ ଯାଇ ବ୍ୟାୟାମଶାଳାରୁ ଘଡିଏ ବୁଲି ଆସିବ । ଏମିତି ଦେଖିବାକୁ ଗଲେ, ଦଶବାର ଜଣ ବୃଦ୍ଧ ଏବଂ ବୃଦ୍ଧା ବୟସର ଆଧିକ୍ୟ ହେତୁ କେବଳ ଘରେ ରହୁଛନ୍ତି । ଅତଏବ ଆଜିଠାରୁ ସେମାନେ ସକାଳରୁ ସଞ୍ଜ ଯାଏଁ ବ୍ୟାୟାମଶାଳାରେ କାଟିବେ ।"

ଏ ଉପାୟ ସମଗ୍ର ବସ୍ତିବାସୀଙ୍କ ମନକୁ ପାଇଲା, ସମସ୍ତେ ମୁହଁରେ ହସ ଫୁଟାଇ ସମ୍ମତି ପ୍ରଦାନ କଲେ । କିନ୍ତୁ ସହରୀବାବୁ ମାନଙ୍କ ମୁହଁରୁ ଗମ୍ଭୀରତା ର ଛାପ ଏ ଉପାୟରେ କଟିଲା ନାହିଁ । ଅତଏବ ବସ୍ତିବାସୀ ସହରୀବାବୁମାନଙ୍କୁ ଅନୁସରଣ କରି ନିଜ ନିଜ ମୁହଁକୁ ସଂଯତ କରି ହସ ବଦଳରେ ଗମ୍ଭୀରତା ଫୁଟାଇବାରେ ଲାଗି ପଡିଲେ ।

ସୂର୍ଯ୍ୟ ମୁଣ୍ଡ ଉପରକୁ ଆସି ସାରିଥାନ୍ତି, ସୂର୍ଯ୍ୟଙ୍କ କିରଣ ବ୍ୟାୟାମଶାଳାର କାଚରେ ପଡି, ତା'ର ଏକ ପ୍ରତିଫଳନ ବସ୍ତି ଉପରେ ପଡୁଥାଏ, ବସ୍ତିବାସୀ ଯଥା ସମ୍ଭବ ନିଜ ମୁହଁରେ ଗାମ୍ଭୀର୍ଯ୍ୟ ଫୁଟାଇ ସହରୀ ବାବୁମାନଙ୍କ ମୁହଁକୁ ଚାହିଁ ବସି ରହିଥାନ୍ତି ।

କଲେକ୍ଟର ମହୋଦୟ ନୀରବତା ଭାଙ୍ଗିଲେ । "ବ୍ୟାୟାମଶାଳା କିପରି ଉଚିତ୍ ରୂପେ ବ୍ୟବହାର ହେବ, ସେ ପ୍ରତି ଆମକୁ ଧ୍ୟାନ ଦେବାକୁ ହେବ, ଆଶାକରେ ଆପଣମାନେ ଏଥିରେ ପୂର୍ଣ୍ଣ ସହଯୋଗ କରିବେ ।" ଏତିକି କହି କଲେକ୍ଟର ମହୋଦୟ କିଛି ଭାବିଲା ଭଳି ଭଙ୍ଗୀରେ ବସି ନିଜ ମୁଣ୍ଡ କୁଣ୍ଡାଇଲେ, ଆଖିଦୁଇଟି ତାଙ୍କର ଦୂର ଦିଗ୍‌ବଳୟରେ ନିବଦ୍ଧ ହୋଇଥିଲା ।

ବସ୍ତିବାସୀ ବଡ଼ ଆଗ୍ରହରେ କହିଲେ, "ହଁ ହଁ ଆମ ନିମନ୍ତେ ତିଆରି ହୋଇଥିବା ବ୍ୟାୟାମଶାଳାର ବ୍ୟବହାର ପାଇଁ ଆମେ ସବୁକିଛି କରିବାକୁ ରାଜି, ଆପଣ ଯଦି କହିବେ, ଆମ କାମକୁ ଯିବା ସମୟରୁ ଘ ଣ୍ଟାଏ କାଟି, ବରଂ କାଲିଠାରୁ ଆମେ ବ୍ୟାୟାମଶାଳାକୁ ଯିବୁ ।

ଏ କଥାକୁ ବାବୁମାନେ କାନ ଦେଲେ ନାହିଁ, ଚିନ୍ତା ଭାବନାରେ ତାଙ୍କର ଅନେକ ସମୟ ନଷ୍ଟ ହୋଇସାରିଥିଲା । ଅତଏବ ଆଉ ବିଳମ୍ବ ନକରି ବାବୁମାନେ ଗାଡ଼ିରେ ବସିଲେ, ଧଳା ଗାଡ଼ିଗୁଡିକ ବସ୍ତି ଛାଡ଼ି ସହର ଆଡ଼େ ମୁହାଁଇଲେ ।

ସେହିଦିନ ସନ୍ଧ୍ୟାରେ, ବସ୍ତିବାସୀଙ୍କ ଘରେଘରେ ଶଙ୍ଖଧ୍ୱନି ସାଙ୍ଗକୁ ମାଇକ୍‌ର ଶବ୍ଦ ବସ୍ତିବାସୀଙ୍କୁ ଅସ୍ଥିର କଲା, ବସ୍ତିବାସୀ ବାହାରେ ଠୁଳ ହେଲେ, ବାବୁମାନେ ବସ୍ତିରୁ ଯିବା ମାତ୍ର ପାଞ୍ଚ , ଛଅ ଘ ଣ୍ଟା ହିଁ ହେଇଥିବ, ପୁଣି କ'ଣ ହେଲା ! ସକାଳ ପର୍ଯ୍ୟନ୍ତ ଅପେକ୍ଷା ନକରି ଏ ରାତିଟାରେ, ସକାଳେ କଲେକ୍ଟରଙ୍କ ସଙ୍ଗେ ଆସିଥିବା କେତେକ କର୍ମଚାରୀ ମାଇକ୍ ସହ ପୁଣି ବସ୍ତିରେ ହାଜିର୍ ।

ଗହଳ କେଶ ଥିବା କର୍ମଚାରୀ ଜଣକ କହିଲେ, "ଯେହେତୁ ଆପଣମାନେ ବ୍ୟାୟାମଶାଳାଟିକୁ ବ୍ୟବହାର କରିବା ପାଇଁ ଅକ୍ଷମ, ତେଣୁ ଏହି ପଦକ୍ଷେପ ନିଆଯାଇଛି କି ଯେଉଁମାନେ ବ୍ୟାୟାମଶାଳାର ବ୍ୟବହାର ଜାଣନ୍ତି, ସେମାନଙ୍କ ପାଇଁ ଏଠି ରହିବାର ବ୍ୟବସ୍ଥା କରାଯିବା ଅର୍ଥ ବସ୍ତି ସ୍ଥାନରେ ବଡ଼ବଡ଼ କୋଠାଘର ତିଆରି ହବ । ସମାଜର ଧନୀ ଶ୍ରେଣୀୟ ଲୋକଙ୍କ ପାଇଁ ।"

ବସ୍ତିବାସୀଙ୍କ ଭିତରେ ଭାଳେଣି ପଡ଼ିଲା, ଦୁଇ

ତିନି ଜଣ ପ୍ରାୟ ମୂର୍ଚ୍ଛା ଗଲେ, ନରହରି କାନ୍ଦକାନ୍ଦ ହୋଇ କହିଲା, "ତେବେ ଆମେ କୁଆଡେ ଯିବୁ!" ତା' ସ୍ୱରରେ ଅସହାୟତା ବାରି ହେଉଥିଲା ।

ଲମ୍ବାକେଶ ରଖିଥିବା କର୍ମଚାରୀ ଜଣକ ନିଜ କେଶରେ ବେଣୀଟିଏ ପକଉଥିବା ଅବସ୍ଥାରେ ବଡ଼ ସରାଗରେ କହିଲେ, "ଏଠି ସେଠି ଅନେକ ଖାଲିସ୍ଥାନ ଅଛି, ଆପଣମାନେ ଯେଉଁଠି ଚାହିଁବେ ବସ୍ତି ତିଆରି କରିପାରିବେ, କିନ୍ତୁ କୋଠାଘର ବ୍ୟାୟାମଶାଳାକୁ ଲାଗି ହିଁ ତିଆରିହେବ । ଆପଣମାନଙ୍କ ପାଖରେ ଆଜି ରାତିକ ସମୟ ଅଛି । ବସ୍ତି ଖାଲି କରିଦିଅ, ନଚେତ୍ କାଲି ସକାଳେ ବୁଲଡୋଜର୍ସ ଆସି ବସ୍ତିର ଘର ଗୁଡ଼ିକ ଭାଙ୍ଗି ପକାଇବ ।" କର୍ମଚାରୀଙ୍କ ସରାଗ ଶେଷବେଳକୁ ଧମକରେ ପରିଣତ ହୋଇଥିଲା, ବସ୍ତିବାସୀଙ୍କୁ ଚିନ୍ତାରେ ବୁଡ଼ାଇ ଦେଇ କର୍ମଚାରୀମାନେ ଚାଲି ଯାଇଥିଲେ, ଏଭଳି ଅଜବ ଅନୁଭୂତି ବସ୍ତିବାସୀଙ୍କର ଆଗରୁ କେବେ ହୋଇନଥିଲା । ଅତଏବ ସମସ୍ତେ ଚୁପ୍ ରହିବାକୁ ଶ୍ରେୟ ମଣିଥିଲେ ।

ପରଦିନ ଏକ ପ୍ରକାର ଗର୍ଜନରେ ବସ୍ତିବାସୀଙ୍କ ନିଦ ଭାଙ୍ଗିଲା, ଏମିତିରେ କୌଣସି ମୂଲ୍ୟବାନ ଜିନିଷ ନଥିଲେ ମଧ ବସ୍ତିବାସୀଙ୍କୁ ଲୁଗାପଟା ଆଣିବାକୁ ମଧ ତର ସହିଲା ନାହିଁ । ଖାଲି ଯାହା ନିଜ ନିଜର ପ୍ରାଣଟିମାନ ଧରି ବ୍ୟାୟାମଶାଳା ପଛରେ ଥିବା ସାମାନ୍ୟ ଉଚ୍ଚ ସ୍ଥାନରେ ଆସି ବସିଲେ ।

ଆଖି ପିଛୁଳାକେ ସମଗ୍ର ବସ୍ତି ଉପରେ ବୁଲଡୋଜର୍ସ ମାଡ଼ିଗଲା ।, ବସ୍ତିବାସୀ ଆଖି ପୋଛିଲେ ।

ବିନା ଖାଦ୍ୟ ଏବଂ ଗୃହରେ ପ୍ରାୟ ବାରଘଣ୍ଟା କାଟିସାରିଲା ପରେ, ହଠାତ୍ ବସ୍ତିର ରଙ୍ଗନାନୀ ବାହୁନିବା ଆରମ୍ଭ କଲା, "କେଡ଼େ ସରଳ ଆମ ସହର ବାବୁମାନେ, ଆମ ଶରୀରକୁ ସୁସ୍ଥ ରଖିବା ପାଇଁ, କେତେ ଖର୍ଚ୍ଚ କରି, ପରିଶ୍ରମ କରି ବସ୍ତି ପାଖରେ ବ୍ୟାୟାମଶାଳା ବନାଇଥିଲେ । କପାଳ ଦୋଷ, ଆମେ ବ୍ୟବହାର କରିପାରିଲୁନି । ବାବୁମାନଙ୍କର ବା କି ଦୋଷ, ବସ୍ତିବାସୀ ଯଦି ବ୍ୟାୟାମଶାଳାଟିକୁ ବ୍ୟବହାର କରିଥାନ୍ତେ! ତେବେ ଆଜି କ'ଣ ଆମେ ଆମ ଘରଟିମାନ ହରାଇଥାନ୍ତେ! ଆମ କପାଳ.....!" ରଙ୍ଗନାନୀ ମୁଣ୍ଡରେ ହାତଦେଲା ।

ବସ୍ତିର ରବି କହିଲା, "ସହରୀ ବାବୁମାନେ ଆମ ଶରୀର ସୁସ୍ଥ ରଖିବା ପାଇଁ ବସ୍ତି ପାଖରେ ବ୍ୟାୟାମଶାଳା ତ ତିଆରି କଲେ । କିନ୍ତୁ ଶରୀରକୁ ସୁରକ୍ଷିତ ରଖିବାକୁ ଯେ ଗୃହଟିମାନ ଲୋଡ଼ା କ'ଣ ଏକବାର ଭୁଲିଗଲେ ।

ରଙ୍ଗନାନୀ ନାକପୋଛି କହିଲା, "କିଏ ଜାଣେ! ଭୁଲାମନ ହୋଇଥିବ ପରା! କିନ୍ତୁ ବାବୁମାନେ ଭାରି ଭଲ....।"

ସିନ୍‌ସିନାଟି, ଓହାୟୋ,
ଯୁକ୍ତରାଷ୍ଟ୍ର ଆମେରିକା

୦୦୦୦

# ସବର୍ଣ୍ଣ, ଅସବର୍ଣ୍ଣ ଏକ ମାନସିକତା

ବନଲତା ସିଂହ

ଅନ୍ଧାରୁଆ କବାଟ କୋଣରେ ବେଙ୍ଗଟିଏ ବେଙ୍ଗୁଲି ସାଥୀରେ ବସିଥାଏ, ଦିନବେଳେ କାଉ, କୁକୁର ଭୟରେ ପଦାକୁ ବାହାରନ୍ତିନି । ରାତି ହେଲେ, ନିଜର ଖାଦ୍ୟ ଅନ୍ୱେଷଣ ପାଇଁ ବାହାରନ୍ତି । ହଠାତ୍ ପାଟି ଶୁଣି ବେଙ୍ଗୁଲି କହିଲା... ବେଙ୍ଗ...ରେ.... ଏତେ ଜୋରରେ ପାଟି କ'ଣ ହେଉଛି ? ବେଙ୍ଗ କହିଲା..... ବେଙ୍ଗୁଲି... ମୋର ପାଖକୁ ଘୁ ଞ୍ଚି ଆ....। ଆମ କଥା ଯଦି କିଏ ଶୁଣିବ... ଆମ ଅବସ୍ଥା ବାରଗଣ୍ଡା ଦୁଇକଡ଼ା ହୋଇଯିବ । ବେଙ୍ଗୁଲି କହିଲା.... କହ...ମ କେତେ ପ୍ରବଚନ ଦେଉଛୁ । ବେଙ୍ଗ କହିଲା... ଶୁଣ... ବାବୁଙ୍କ ପୁଅ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲାବେଳେ, ଗୋଟିଏ ଝିଅକୁ ଭଲ ପାଇଲେ । ସେ ଝିଅଟି ନର୍ସିଂ ହୋମ୍‌ରେ ସେବିକା ଥିଲେ । ତା ବ୍ୟବହାର ଓ ସେବାରେ ସନ୍ତୁଷ୍ଟ ହୋଇ ସାନବାବୁ ବାପା, ମା'ଙ୍କୁ ନଜଣାଇ ସେ ଝିଅକୁ ମନ୍ଦିରରେ ବାହାହୋଇ ଘରକୁ ନେଇ ଆସିଛନ୍ତି ।

ବେଙ୍ଗୁଲି କହିଲା.... ଏଥିରେ ଦୋଷ କ'ଣ ? ବେଙ୍ଗ କହିଲା..... ଆଲୋ ଦୋଷ କଅଣ ଝିଅର ? ଦୋଷ ହେଉଛି ତା' ଜାତିର । ସେ ଭୋଇଘର ଝିଅ, ଆମ ବାବୁ ଗୁରୁପ୍ରସାଦ ମର୍ଦ୍ଦରାଜ ଏ ଦଶଖଣ୍ଡ ମୌଜାର ପ୍ରତିଷ୍ଠିତ ଲୋକ । ଠିକ୍ ରାଜାପରି, ତାଙ୍କୁ କେତେ ଜମିଦାର ଘରର ଝିଅ ମିଳିଥାନ୍ତେ ବୋହୂ କରିବାକୁ । ଏଣୁ ତାଙ୍କୁ ନ ଜଣାଇ ସାନବାବୁ ପୀତବାସ ଏମିତି କଲେ...ତ.. ? ସେଇଥିପାଇଁ ପାଟି ତୁଣ୍ଡ କରି ବୋହୂ ମୁହଁ ଚାହିଁବେନି କହି ଘରର କବାଟ କିଳି ବାବୁ, ବାବୁଆଣୀ ପଶିଛନ୍ତି ।

ବେଙ୍ଗୁଲି କହିଲା..... ଆଛା.... ବେଙ୍ଗ ଆମର ତ ଜାତି ଅଜାତି ନାହିଁ ? ଏ ମଣିଷମାନେ ବିବେକ ଜ୍ଞାନ ପାଇ ସେମାନେ ଏପରି ଚିନ୍ତା କରୁଛନ୍ତି କାହିଁକି ? ସମସ୍ତେ ତ ସମାନ, ତୁ କହିଲୁ ସାନବାବୁଙ୍କ ରକ୍ତ ଆଉ ବୋହୂ ମା'ଙ୍କ ରକ୍ତ ଗୋଟିଏ ଜାଗାରେ ଅଲଗା ଅଲଗା ରଖିଦେଲେ କ'ଣ ଜଣା ପଡିବ, କାହାର କେଉଁ ରକ୍ତ ? ଆଛା.... ବାବୁଆଣୀ ଯେଉଁ ଫୁଲ କିଣିଆଣି ତାଙ୍କ ଇଷ୍ଟ ଦେବଙ୍କୁ ପୂଜା କରୁଛନ୍ତି, ସେ ଫୁଲ ବିକାଳିଟି କେଉଁ ଜାତିର ଜଣାଅଛି । ରକ୍ତ ଭଣ୍ଡାରରେ ରକ୍ତ ସଂଗୃହିତ ହୋଇ ରହିଛି ସେ ସବୁ କେଉଁ ଜାତିର ଜଣା ଅଛି ? ସେ ରକ୍ତ ତ ପୁଣି, ସାଧୁ, ସନ୍ଥ, ବ୍ରାହ୍ମଣ ପଣ୍ଡିତଙ୍କୁ ଦିଆ ଯାଇ ଜୀବନ ରକ୍ଷା ହୋଇ ପାରୁଛି ? ଏ ଦୁନିଆରେ ଯେତେ ବ୍ୟବହାର୍ଯ୍ୟ ଜିନିଷ ବିକ୍ରୀ ହେଉଛି, ସେ ବିକାଳିର କ'ଣ ଜାତି, ଗୋତ୍ର କିଏ ପଚାରୁଛି ? ହଁ.... ବାପ, ମାଙ୍କୁ ନ ଜଣାଇ ବାହା ହୋଇଛନ୍ତି, ଏଇଟା ସାନବାବୁଙ୍କର ଭୁଲ୍ ହୋଇପାରେ, କିନ୍ତ ଜାତି ପାଇଁ ବାବୁ, ବାବୁଆଣୀ ଏମିତି ରଗିବା.... ମୋତେ ଠିକ୍ ଲାଗୁନି । ବେଙ୍ଗ କହିଲା...ଆଲେ ସବୁଠୁ ବଡ଼କଥା କ'ଣ ଜାଣିଛୁ ? ସାନବାବୁ ନର୍ସିଂହୋମ୍‌ରେ ଚିକିତ୍ସା ହେଲାବେଳେ, ତାଙ୍କୁ ରକ୍ତ ଦରକାର ପଡିଲା । ଏହି ଭୋଇଘର ଝିଅଟି ରକ୍ତ ଦେବାରୁ ସେ ବ ଞ୍ଚିଗଲେ । ଏକଥା ବାବୁ, ବାବୁଆଣୀ ମଧ ଜାଣିଛନ୍ତି, ତା'ପରେ ବି ସେ ଏପରି କାହିଁକି ହେଉଛନ୍ତି କେଜାଣି ? ହଁ ..... ବଡ଼ଘର ବଡ଼ ଗୁମର କଥା .... ଦେଖିବା ଆଗକୁ କ'ଣ

ହେଉଛି ?

ଦିନ ଯଇ ରାତି ହେଲା ଗୋଟିଏ ଘରେ କବାଟ କିଳି, ବାବୁ-ବାବୁଆଣୀ ରହିଲେ, ବାହାରକୁ ଆସିଲେନି କି କଥା ହେଲେନି, ବୋହୂ ଝୁନୁ କହିଲା.... ଶୁଣ... ବାବା ମା'ଙ୍କ ମନରେ ଅଶାନ୍ତି ଦେଇ ମୁଁ ଆଉ ରହି ପାରିବିନି, ମୋତେ ନେଇ ଛାଡି ଦେଇ ଆସ । କାଲି ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମୁଁ ମୋର ଅଛୁଆଁ ମୁହଁକୁ ନେଇ ଚାଲିଯିବି । ସେଇଆ ହେଲା, ପୁଅ ବୋହୂ ଦୁହେଁ ଫେରିଗଲେ ସହରର କର୍ମ ଭୂମିକୁ । ବେଙ୍ଗୁଲି ଲୁଚିକରି ଦେଖୁଥିଲା, କହିଲା.... ବେଙ୍ଗରେ କେତେ ସୁନ୍ଦର ବୋହୂଟିଏ, କ'ଣ ଅଭାବ ଅଛି, ତା ପାଖରେ ? ବେଙ୍ଗ କହିଲା... ଚୁପ୍... ସରଗକୁ ନିଶୁଣୀ ନାହିଁ କି ବଡ଼ଲୋକଙ୍କୁ ଉ ର ନାହିଁ, ସମୟ ଆସିଲେ ସବୁ ଜଣା ପଡିବ ।

ଏମିତି କିଛି ଦିନ ଚାଲିଗଲା, ପୁଅ ବୋହୂଙ୍କ ସହିତ ମର୍ଦ୍ଧରାଜ ପରିବାରର ଆଉ ସମ୍ପର୍କ ନାହିଁ । କେବଳ ମାଆଟିକେ ଭାବେ କାନ୍ଦେ, ମାଆ ମନତ ? ଗୋଟିଏ ବୋଲି ପୁଅ, କେମିତି ବା ନ ଭାବିବ ? ଦିନେ ଗୁରୁପ୍ରସାଦ ମର୍ଦ୍ଧରାଜ ସାଙ୍ଘାତିକ ଦୁର୍ଘଟଣାର ସମ୍ମୁଖୀନ ହୋଇ ରକ୍ତାକ୍ତ ଅବସ୍ଥାରେ, ନର୍ସିଂ ହୋମ୍‌ରେ ଆଡ୍‌ମିଶନ ହେଲେ । ବହୁତ ରକ୍ତସ୍ରାବ ଦ୍ୱାରା ମୃତ୍ୟୁ ତାଙ୍କ ଚାରି ପାଖରେ ବୁଲୁଥାଏ । କେତେବେଳେ ଦୀପ ଲିଭିଯିବ । ପରୀକ୍ଷା ପରେ ଡାକ୍ତର କହିଲେ ତାଙ୍କର ଗୋଟିଏ କିଡିନୀ ନଷ୍ଟ ହୋଇ ଯାଇଛି ଏବଂ କିଡ଼ିନୀ ସହିତ ତାଙ୍କର ପ୍ରଚୁର ରକ୍ତ ଦରକାର ବାବୁଙ୍କ ସ୍ତ୍ରୀ କୁନ୍ତଳା ମର୍ଦ୍ଧରାଜ ଓ ପୁଅ ପୀତବାସ ମର୍ଦ୍ଧରାଜ, ବନ୍ଧୁବାନ୍ଧବ ସମସ୍ତଙ୍କ ପାଖରୁ ଅସଫଳ ହେଲେ । ଅଜସ୍ର ଟଙ୍କା କିଛି କାମକୁ ଆସୁନି, ସେହି ନିର୍ସିଂହୋମ୍‌ରେ ଝୁନୁ ଥିଲା । ସେ ଗୁପ୍ତରେ ଡାକ୍ତରଙ୍କ ପାଖରେ ନିଜର ରକ୍ତ ଆଉ କିଡିନୀ ପରୀକ୍ଷା କରି ମର୍ଦ୍ଧରାଜ ବାବୁଙ୍କୁ ଦାନ କଲା ଏବଂ ନିଜ ନାମ ଗୁପ୍ତରଖିବାକୁ ଡାକ୍ତର ବାବୁଙ୍କୁ ଅନୁରୋଧ କଲା । ମର୍ଦ୍ଧରାଜ ବାବୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ, ସେ ବଦାନ୍ୟ ବ୍ୟକ୍ତିଟି କିଏ ବୋଲି ଜାଣିବାକୁ ଚାହିଁବାରୁ ଜାଣି ପାରିଲେ । ଏ ସବୁ କାମ ଭୋଇଘର ଝିଅ ଝୁନୁ କରିଛି । ସେ ଅତ୍ୟନ୍ତ ଅନୁତପ୍ତ ହୋଇ ଝୁନୁକୁ କ୍ଷମା ମାଗିଷଳ ଓ ଆନନ୍ଦ ମନରେ ଝୁନୁକୁ ସସମ୍ମାନରେ ଘରକୁ ନେଇ ଆସିଲେ, ଶଙ୍ଖ ହୁଳହୁଳିରେ ଘର ଉଛୁଳି ପଡୁଥିଲା ବେଳେ, ବେଙ୍ଗ ବେଙ୍ଗୁଲି ଆନନ୍ଦରେ ବିଭୋର ହୋଇ ହୁଳହୁଳି ପକାଇ ନାଚିକୁଦି ଏତେ ଖୁସି ହେଉଥିଲେ ଯେ, ବେଙ୍ଗ, ବେଙ୍ଗୁଲିକି କହିଲା... ହଇଲୋ.... ତୁ ତ ମୋତେ ବାହା ହେଲା ବେଳେ ଏତେ ଖୁସି ହେଉନଥିଲୁ ? ବେଙ୍ଗୁଲି ଧେତ୍.... କହି ଫକ୍ କିନା ବେଙ୍ଗ ପିଠିରେ ନାଉ ହୋଇ ଗଲା... ।

୦୦୦୦

# ସ୍ନେହ ପାଇଁ ଚିଠିଟିଏ

ଡଃ ନିରୋଦ କୁମାର ମନ୍ତ୍ରୀ

ସ୍ନେହର

ଟୁଟୁ ମୋର ସ୍ନେହ ନେବ ! ବୋହୂ, ନାତି, ନାତୁଣୀମାନଙ୍କୁ ମୋର ସ୍ନେହ ଜଣାଇବ । ଈଶ୍ୱରଙ୍କ ଦୟାରୁ ତୁମ୍ଭେମାନେ ସେଠାରେ ଭଲରେ ଥିବ । ତୁମେ ପାଠପଢୁଥିବା ସମୟରେ ଯେଉଁ ଚିଠି ଦେଉଥିଲି, ଆଜିର ଏ ଚିଠି ମଧ୍ୟରେ ପ୍ରାୟତଃ କୋଡିଏ ବର୍ଷର ବ୍ୟବଧାନ । ଏବେ ମୋର ଆଉ ତୁମକୁ ଉପଦେଶ ଦେବାରେ ନାହିଁ । କାରଣ ତୁମେ ଏବେ ନିଜକୁ ନିଜେ ସଜାଡ଼ିପାରିଛ । ଏବେମୋର ତୁମକୁ ନେହୁରା -

ଟୁଟୁରେ ବ ଞ୍ଚିବା ପାଇଁ ବହୁତ କଷ୍ଟ ହେଉଛି । ଆଉ ପାରୁନି, ଆର ମାସରେ ଦେଇଥିବା ଚିଠିର ଅର୍ଥବୋଧ ହୁଏ ବୁଝିପାରିଲନି । ତେଣୁ ଭାବିନେଲ ବାପା'ଙ୍କର ବୋଧ ହୁଏ ଅଧିକ ଟଙ୍କା ଦରକାର ପଡୁଛି । ତେଣୁ ତୁମେ ଦେଉଥିବା ଟଙ୍କାର ପରିମାଣ ଦୁଇଗୁଣ କରି ପଠାଇଲ ଟଙ୍କାରେ କ'ଣ ଶାନ୍ତି ମିଳିପାରିବ । ଆମେ ଗାଁରେ ବୁଢ଼ାବୁଢ଼ୀ ଦୁଇଜଣ ସ୍ନେହ କାଙ୍ଗାଳ ହୋଇପଡିଛୁ । ଆମ ଆଖି ଆଗରେ ଅନ୍ୟମାନଙ୍କର ନାତି, ନାତୁଣୀମାନେ ତାଙ୍କର ଜେଜେବାପା ଓ ମା'ଙ୍କୁ କେତେ ଶ୍ରଦ୍ଧାରେ ଗେଲ କରୁଛନ୍ତି, ଥଟ୍ଟାମଜା ହେଉଛନ୍ତି । ଖନେଇ ଖନେଇ ସ୍ୱରରେ ଜେଜେ ବାପା, ମା'ଡାକ ଶୁଣି ଆମ ହୃଦୟ ଦୁଃଖରେ ଭାଙ୍ଗି ପଡୁଛି । ବିଭିନ୍ନ ପ୍ରକାର ପର୍ବ ପର୍ବାଣୀରେ ପିଲାମାନଙ୍କର ଖେଳକୁଦ ଦେଖିଲେ ଆମ ଆଖିରେ ଲୁହ ଚାଲିଆସୁଛି । ତୁମେ ଛୋଟ ଥିବାବେଳେ ମୋ ବାପା ମା' ସହ କେତେ ଖେଳୁଥିଲ, ମଜା କରୁଥିଲ । ମୋ ବାପା ବେଳେ ବେଳେ ଖାଇବା ପିଇବା ଭୁଲିଯାଉଥିଲେ । ତମକୁ ସକାଳୁ ନଦେଖିଲେ ପାଗଳ ହୋଇ ଯାଉଥିଲେ । ତୁମେ ଦୁଷ୍ଟାମି କରୁଥିଲେ ମୁଁ ଯଦି ଗାଳିଦେଉଥିଲି ତେବେ ମୋତେ ବାପା ବିରକ୍ତି ହେଉଥିଲେ, ପର୍ବପର୍ବାଣୀରେ ପିଠାପଣା ଏକାଠି ଖାଇବା ବେଳେ ତମକୁ ଜେଜେ ବାପା କେତେ ଗେଲ କରୁଥିଲେ, ଅଧିକରୁ ଅଧିକ ଖାଇବାକୁ ଦେଉଥିଲେ । ଯାତରାରୁ ବେଲୁନ୍, ପେଁକାଳୀ, କଣ୍ଢେଇ ଚକ ତୁମପାଇଁ କିଣିଆଣୁଥିଲେ । ତୁମେ ଏ ଖେଳଣାନେଇ କେତେ ଖୁସି ହେଉନଥିଲ ! ଆମ ଘରଟା ହସ ଖୁସିରେ ଫାଟି ପଡୁଥିଲା । ଏବେ ଯାତରା ପଡିଆରେ ବେଲୁନ୍, ପେଁକାଳି ଦେଖିଲେ ମୋ ଆଖିରେ ଲୁହ ଆସିଯାଉଛି, କାରଣ ମୁଁ କାହାପାଇଁ କିଣିନେବି ? କାହାକୁ ପିଠିରେ ବସାଇ ହାତୀହୋଇ ବୁଲାଇବି ଯେମିତି ତମକୁ ମୋ ବାପା ବୁଲାଉଥିଲେ । ଘରଟା ଖାଁ ଖାଁ ଲାଗୁଛି ତୁମ ମା' ଅଧିକ ସମୟ ଆଖିରୁ ଲୁହ ଗଡାଉଛି । ମୁଁ ବ୍ୟସ୍ତ ହୋଇ ତାକୁ ଗାଳିଦେଉଛି । କାହିଁକି ଜାଣୁ, କାଳେ ତୁମର କିଛି ଅମଙ୍ଗଳ ହେବ । ତାକୁ ଗାଳିଦେଉ ଦେଉ ମୁଁ ବି କାନ୍ଦି ପକାଏ । ତୁମେ ଠିକ୍ ସମୟରେ ଟଙ୍କା ପଠାଇ ଦେଉଛ । କିନ୍ତୁ ଟଙ୍କା କେବଳ ଖାଇବାକୁ ଦେଇ ବ ଞ୍ଚାଇଛି, ହେଲେ ସେ ବ ଞ୍ଚିବା ଅପେକ୍ଷା ମରିଯିବା ଭଲ ବୋଲି ଆମେ ଭାବୁଛୁ ।ତୁମେ ପାଠପଢ଼ି ଚାକିରୀ କଲ, ବାବୁ ହେଲ, ତୁମ ଅଫିସ୍‌ରେ ତୁମକୁ ସମ୍ମାନ ମିଳିଲା । ଆମେ ବାପା, ମା ବି ତୁମେ ଯେଉଁଦିନ ଚାକିରିପାଇଲ ସବୁ ମନ୍ଦିରକୁ ଯାଇ ଭୋଗ ଲାଗି କଲୁ । ଗାଁରେ ମିଠା ବା ଣ୍ଟିଲୁ । ତୋର ବିବାହ ସ୍ଥିର ହେବାରୁ ଆହୁରି ଖୁସି

ହେଲୁ । ବାପା, ମା'ଆଉ କ'ଣ ଚାହାନ୍ତି ? ପିଲାର ଖୁସିରେ ତ ଆମେ ଖୁସି । କିନ୍ତ ଯେଉଁ ଦିନ ତୁମେ ପିଲାପିଲିଙ୍କୁ ନେଇ ସହରକୁ ଚାଲିଗଲ, ଅଳ୍ପଘର ଭଡ଼ାନେଇ ଥିବାରୁ ଆମେ ରହିଗଲୁ, ସେଦିନ ପୂର୍ବର ସବୁ ସୁଖ ଭାଙ୍ଗି ପଡ଼ିଲା ପରି ଲାଗିଲା । ତଥାପି ତୁମ ଭଲ ପାଇଁ ଖୁସିରେ ଖୁସିରେ ବିଦାୟଦେଲୁ । ଆଶାରଖିଥିଲୁ ଏଇ ବୁଢ଼ା ବୟସଟା ନାତି, ନାତୁଣୀ ସ୍ନେହରେ କଟାଇ ଦେଇଥାନ୍ତୁ, ଛାଡ ..... । ପୁଅ ଜାଣିବ ତୁମ ମା' ଗୋଟେ ଘରେ ଖେଳଣା ଫୁଲ୍ କରିସାରିଲାଣି, କାହିଁକି ଜାଣୁ, ଅନ୍ୟମାନେ ଯେତେବେଳେ ଖେଳଣା ଆଣନ୍ତି, ସେତେବେଳେ ତମ ମା' ତା' ନାତି ନାତୁଣୀଙ୍କ ପାଇଁ କିଣିଆଣେ । ସମସ୍ତେ ପଚାରନ୍ତି କାହିଁକି ଖେଳଣା କିଣୁଛୁ ? ତୁମ ନାତି, ନାତୁଣୀତ ସହରରେ ସେ କହେ - ମୋ ନାତି ନାତୁଣୀ ଆର ହପ୍ତାରେ ଆସିବେ, ତାଙ୍କୁ ଦେବି । ଏମିତି ଅନେକ ହପ୍ତା ଚାଲିଗଲାଣି......ମୁଁ ରାଗିଛି ବୋଲି ଭାବିବୁନି । ମୋର ତମକୁ ଏତିକି ନେହୁରା, ଆମର ଆଉ ଟଙ୍କା ଦରକାର ନାହିଁ, ଟଙ୍କା କ'ଣ କରିବୁ ? ତୁମେ କି ବୋହୂ ଯଦି ଦୟାକରି ତୁମର ଏବଂ ତୁମ ପିଲାମାନଙ୍କର ସ୍ନେହ ଟିକକ ପଠାନ୍ତ, ଆମେ ଅବଶିଷ୍ଟ ଦିନ ଖୁସିରେ ବଞ୍ଚି ଯାଆନ୍ତୁ । ସ୍ନେହ, ଶ୍ରଦ୍ଧା ବିନା ବଞ୍ଚିବା ଭାରିକଷ୍ଟ ହେଉଛିରେ । ଘର ଭିତରେ ଆମେ ଦୁହେଁ ଏକୁଟିଆ ହୋଇ କେବଳ ତୁମ ଫଟୋ ଗୁଡିକୁଦେଖି ଆଖିରୁ ଲୁହ ଗଡାଉଛୁ । ମୋ ନାତି, ନାତୁଣୀକୁ ତ ଦେଖିନୁ, ଖାଲି ବୟସ ଅନୁସାରେ ୧୦ବର୍ଷ ହେବଣି, ଆମ ସାହିର ହରିର ୧୦ବର୍ଷର ପୁଅର ଏବଂ ଝିଅର ଫଟୋଆଣି ସ୍ନେହ ଦେଉଛୁ ।

ଆଉ ବିଶେଷ କିଛି ଲେଖୁନାହିଁ । ଈଶ୍ୱର ତୁମମାନଙ୍କ ଚଲା ପଥକୁ କୁସୁମିତ କରାନ୍ତୁ । କେବଳ ଟିକିଏ ସ୍ନେହ ଅପେକ୍ଷାରେ..........

ରହିଲି, ତୋର ସ୍ନେହ କାଙ୍ଗାଳ

ବାପା, ମା'

ଉପାଧ୍ୟକ୍ଷ, ରିଜୋନାନ୍ସ, ଭାଣପୁର, କଟକ

୦୦୦




R. S. TUTORIALS
SURYALOKA LANE, CHANDI CHHAK, CUTTACK
Admission Open ! Admission Open !
A Complete Coaching for
+2 Arts & Commerce
+3 Arts (Hons, Elective, Pass)
Special Coaching for : Spoken English
And also M. A. Entrance, (Pol. Science)
Contact : 9861462581, 9861816123

# ପ୍ରତାରଣା

**ଗୋପାଳ ଚନ୍ଦ୍ର ଦୋବାଇ**

ଅକ୍‌ଜ ପ୍ରସନ୍ନତା ଜ୍ୟୋସ୍ନା ବିଧୌତ ନିଶିଥିନୀ ପରମ ଶୋଭାକୁ ଧାରଣ କରି ଗର୍ବ ଶୂନ୍ୟ ହୃଦୟରେ ସୁପ୍ତା ଋତୁରାଜ ଆଗମନରେ ପ୍ରକୃତିରାଣୀ ନବବିବାହିତା କାମିନୀ ପରି ପୁଷ୍ପରାଶିରେ ଆବୃତା ମଳୟ ସମୀର ମରୁତର ମୃଦୁମନ୍ଦ ସଞ୍ଚାଳନ ଦ୍ୱାରା ପ୍ରକୃତି ମଦିରାପାନ କଲାପରି ପ୍ରମିଳାସକ୍ତ। ନିସ୍ତବ୍ଧ ନିର୍ଜନତାକୁ ଭେଦକରି ଘଞ୍ଚ ଅରଣ୍ୟ ଆଶ୍ରମରୁ ଭାସିଆସୁଥାଏ ମନ୍ତ୍ରରାଜା ସାଙ୍ଗୀତିକ ଆବାହନ । ନିର୍ମଳ ନିଷ୍ପନ୍ଦ ହୃଦୟରେ ଜପି ଚାଲିଛନ୍ତି ମହର୍ଷି ସୁରୁଚି ମନ୍ତ୍ରରାଜ ଧ୍ୱନିରେ ପ୍ରକୃତି କୋଡ଼ରେ ସୁପ୍ତା ସର୍ବ ଜୀବଜଗତ ସତେ ଅବା କେହି ସଙ୍ଗୀତ ମୂର୍ଚ୍ଛନା ତୋଳି ଗାଢ଼ ସୁଷୁପ୍ତି ଅବସ୍ଥାକୁ ଟାଣି ଆଣୁଛି ।

.... ଛମ୍.... ଛମ୍..... ଛମ୍ ।

ନୂପୁରର ନିକ୍ୱଣ ସୁରଜର ମନ୍ଦ୍ର ଧ୍ୱନିରେ ସୁପ୍ତା ପ୍ରକୃତି ପୁନର୍ବାର ଜାଗରିତ ହୋଇଉଠିଲା । ନିସ୍ତବ୍ଧ ନିଶୀର ବେପଥୁ ଶ୍ରୀହରଣ ସଙ୍ଗେ ଶ୍ରୀହରି ଉଠିଲା । ସୁରୁଚିଙ୍କ ଧ୍ୟାନମଗ୍ନ ଅବୟନ । ନେତ୍ର ଫେଡ଼ି ଦେଖନ୍ତି ପ୍ରକୃତିର କୋମଳକମନୀୟ ମଦନ ବିମୋହିତ କଳେବର । ଭିଜା ଜ୍ୟୋସ୍ନାରେ କେହି ପ୍ରକୃତିକୁ ସୁଗନ୍ଧମୟ କରି ତୋଳୁଛି । ପୁନର୍ବାର ଦେଖିଲେ କିୟତ୍ ଦୂରରେ ନୃତ୍ୟରତା ଏକ ଭୁବନବିମୋହିନୀ । ଖିଲି ଖିଲି ହୋଇ ହସୁଛି । ତା'ର ସେହି ଖିଲି ଖିଲି ମଧୁରମନ୍ଦ ହସ ଚତୁର୍ଦ୍ଦିଗକୁ ମୋହିତ କରି ଦେଉଛି । ସତେ ଅବା ସୃଷ୍ଟି ଏକ ନିର୍ଝରିଣୀ ହୋଇ ବହିଯିବ । ସେହି ହସର ପ୍ରତିଟି ଶବ୍ଦ ସୁରୁଚିଙ୍କ ପାଇଁ ସୁସ୍ପଷ୍ଟ ବୋଧଗମ୍ୟ । ଫେରିଆ ପୁତ୍ର, ସେଥିରେ ଶାନ୍ତି ନାହିଁ । ନିତ୍ୟସୁଖ ନାହିଁ, ମୋକ୍ଷ ନାହିଁ, ମୁକ୍ତି କେବଳ ଗାର୍ହସ୍ଥ୍ୟ ଜୀବନରେ ପିତାମାତାଙ୍କର ଆକୁଳିତ ଅମୀମାଂସିତ ପ୍ରଶ୍ନଟି ହସର ଧାରେ ଧାରେ ସୁରୁଚିଙ୍କ ହୃଦୟ କନ୍ଦର ମଧ୍ୟରେ ମୂର୍ଚ୍ଛିତ ବୀଣାତାରକୁ ଆଘାତ କରି ହୃଦୟକୁ ଭେଦକରି ଦେଇ ଫେରିଆସୁଥିଲା ।

ଋଷି ସୁରୁଚି ଧୀରେ ଧୀରେ ସେହି ନାରୀଟି ନିକଟକୁ ଗଲେ ।

ହେ ଦେବୀ ତୁମେ କିଏ ? ତୁମେ ସପ୍ନ ନା ସତ୍ୟ, ନା ତୁମେ କୌଣସି ଦେଶର ରାଜକୁମାରୀ ବାଟ ବଣା ହୋଇ ଏଠାକୁ ପଳାଇଆସିଛି । ପଚାରିଲେ ସୁରୁଚି ମୁଁ ବନରାଜ ନନ୍ଦିନୀ ନିତ୍ୟା ଆପଣଙ୍କ ତପ, ତେଜ ରୂପ ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ଆପଣଙ୍କ ପ୍ରେମ ପାଇବାକୁ ଆସିଛି ।

ହେ ଦେବୀ ! ଜଣେ ସର୍ବତ୍ୟାଗୀ ସନ୍ନ୍ୟାସୀ ତୁମକୁ କିଭଳି କି ପ୍ରେମ ଦେଇ ତୁମର ମନବାଞ୍ଛା ପୂର୍ଣ୍ଣ କରିବ । ଭଗ୍ନ ମନୋରଥ ନେଇ ଫେରିଯିବ ସିନା, ତୁମର ମନସ୍କାମନା ପୂର୍ଣ୍ଣ କରିବା ମୋ ସାଧର ବାହାରେ । ମୁଁ ବର୍ତ୍ତମାନ ପୂର୍ଣ୍ଣ ବ୍ରହ୍ମାଙ୍କର ପୂର୍ଣ୍ଣ ପ୍ରେମରେ ବ୍ରତୀ କହିଲେ ସୁରୁଚି ।

ପ୍ରକୃତି ପୁରୁଷ ମିଳନ ବିନା ପୂର୍ଣ୍ଣପ୍ରେମ ଅସମ୍ଭବ । ପୂର୍ଣ୍ଣ ପ୍ରେମ ନ କଲେ ପୂର୍ଣ୍ଣ ବ୍ରହ୍ମଙ୍କର ପ୍ରାପ୍ତି ମଧ୍ୟ ଅସମ୍ଭବ, କହିଲେ ନିତ୍ୟା ।

ହେ ଦେବୀ ! ମୁଁ ସେ ମାୟାମୋହରେ ଆଚ୍ଛାଦିତ ହେବାକୁ ଚାହେଁନା, ମାନୁଛି ପ୍ରକୃତି ପୁରୁଷର ମିଳନରେ ସୃଷ୍ଟି ହୁଏ ପୂର୍ଣ୍ଣପ୍ରେମ । ପରମୁହୂର୍ତ୍ତରେ ସୃଷ୍ଟି ହୁଏ ଦୁଃଖ । ଅନେକ ଜନ୍ମର ପୁଣ୍ୟ ଫଳରେ ମନୁଷ୍ୟ ଜନ୍ମକୁ ପ୍ରାପ୍ତ ହୁଏ । ସମସ୍ତ ଜୀବଜଗତରେ ଶାରୀରିକ ପ୍ରାଣୀଠାରୁ ମନୁଷ୍ୟ ଶ୍ରେଷ୍ଠ ଏବଂ ସର୍ବ ଦୁର୍ଲଭ ଅଟେ । ଏହି ଦୁର୍ଲଭ ଶରୀରକୁ ପ୍ରାପ୍ତ ହୋଇ ବିଷୟ ବାସନାରେ ମଜ୍ଜି ରହି ମନୁଷ୍ୟ ଉପଭୋଗ ପରାୟଣ ହୋଇଉଠେ । ଏହି ପରଂବ୍ରହ୍ମ ପରମାତ୍ମାଙ୍କ ଠାରୁ ବିମୁଖ ରହୁଥିବା ମନୁଷ୍ୟ ନିଜକୁ କାମନା ଦ୍ୱାରା ବାନ୍ଧି ରଖେ । ସେଥିପାଇଁ ବୁଦ୍ଧ କହିଛନ୍ତି, 'କାମନାର ବିନାଶରେ ଦୁଃଖଣ

ବିନାଶ' କହିଲେ ସୁରୁଚି । ଏମିତି ଯଦି ସମସ୍ତେ ତପସ୍ୟା ବ୍ରତରେ ବ୍ରତୀ ହେବେ ସୃଷ୍ଟି ସର୍ଜନା ଅସମ୍ଭବ ।

ଯାହା ତପସ୍ୟାରେ ପ୍ରାପ୍ତି ହେବ,ତାହା କ'ଣ ଗାର୍ହସ୍ଥ୍ୟ ଜୀବନରେ ପ୍ରାପ୍ତି ହେବନି । ଦୁଃଖ ନ ଥିଲେ ସୁଖର ସଂଜ୍ଞା ଆସିଲା କେଉଁଠୁ । ମନୁଷ୍ୟ ଜନ୍ମ ଦୁର୍ଲଭ, ଏଇଥିପାଇଁ ତା' ପାଖରେ ଦିବ୍ୟଜ୍ଞାନ ଅଛି । ଯାହା ତା'ର ସୃଷ୍ଟିକୁ ଉ ତ୍ତ ମ ରୂପେ ପରିଚାଳିତ କରିବ । ତୁମେ ଯେଉଁ ନିତ୍ୟ ସୁଖ ନିମନ୍ତେ, ସଂସାରଗତ ଲୌକିକ ସୁଖରୁ ବୀତସ୍ପୃହ ହୋଇ, କଳାଭୃଙ୍ଗ ପରି ମଧୁ ଆସ୍ୱାଦନ ନିମନ୍ତେ ତପସ୍ୟା କରିବାକୁ ଛୁଟିଆସିଛ । ତୁମେ କେବେହେଲେ ମଧୁ ପାଇପାରିବ ନାହିଁ । ମଧୁଅଛି କେବଳ ଦୁଃଖ ସୁଖମୟ ସାଂସାରିକ ସୁଖରେ । ମାୟା ଗ୍ରନ୍ଥିରେ ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ବନ୍ଧା ହୋଇଛି । ତୁମେ କ'ଣ ତପ ଶକ୍ତିରେ ମାୟାପାଖରୁ ଦୂରେଇ ଯାଇପାରିବ । ମାୟା ବିନା ଏ ସଂସାରର ସ୍ଥିତି ଅସମ୍ଭବ । ସଂୟ ପୂର୍ଣ୍ଣ ବ୍ରହ୍ମ ମଧ ଏ ମାୟା କୁଣ୍ଡଳିନୀ ମଧରେ ସ୍ଥିତ । ତୁମେ ମାୟା ଭିତରେ ରୁହ । ମାୟା ତୁମକୁ ଗ୍ରାସ ନ କରୁ କହିଲେ ନିତ୍ୟା ।

ନିତ୍ୟାଙ୍କ କଥା ଶୁଣି ସୁରୁଚିଙ୍କ ସମସ୍ତ ଅବୟବ ଏକ ନୂତନ ପୁଲକରେ ପୁଲକିତ ହୋଇଗଲା । ମନେମନେ ଚିନ୍ତାକଲେ ତାହାହେଲେ ମୁଁ ଯାହା କରୁଛି ତାହା କ'ଣ ଭୁଲ୍ ? ପ୍ରକୃତରେ ଯୁଦ୍ଧ କ୍ଷେତ୍ରକୁ ଆସି ଯୁଦ୍ଧ ନ କରି ଡରି ପଳାଇଯିବା ଭୀରୁତାର ପରିଚୟ । ବୀର ଯଦି ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁବରଣ କରେ ତାକୁ ସାଧାରଣ ମୃତ୍ୟୁର ଆଖ୍ୟା ଦିଆଯାଇପାରେନା । ତାକୁ ବୀରଗତି କୁହାଯାଏ । ଏ ସଂସାରରୂପକ ଯୁଦ୍ଧ କ୍ଷେତ୍ରରେ ଆମେ ସମସ୍ତେ ଗୋଟିଏ ଗୋଟିଏ ବୀର ଯୋଦ୍ଧା । ଏ ଯୁଦ୍ଧ ସାଧାରଣ ଯୁଦ୍ଧ ନୁହେଁ, ଏ ଯୁଦ୍ଧ କାମ, କ୍ରୋଧାଦି ଷଡ଼ଋରୀ ସହିତ ଏବଂ ଏକ ଦଶ ଇନ୍ଦ୍ରିୟକୁ ଆୟତ କରିବାର ଯୁଦ୍ଧ । ଏହି କଥା ଚିନ୍ତାକରି ସୁରୁଚିଙ୍କର ମତିଭ୍ରମ ହୋଇଗଲା । ଭୁଲିଗଲେ ସ୍ଥାନ, କାଳ, ପାତ୍ର, ତପ, ତେଜ । ନିତ୍ୟାଙ୍କ ହସ୍ତ ଧରି ଆଶ୍ରମକୁ ବାହୁଡ଼ି ଆସିଲେ । ନିତ୍ୟାଙ୍କ ସହିତ ସୁରୁଚିଙ୍କର ଦୁଇ ବର୍ଷ ଅତିକ୍ରାନ୍ତ ପ୍ରାୟ । ନିତ୍ୟାକୁ ଥରେ ନ ଦେଖିଲେ ସୁରୁଚି ପାଗଳ ପ୍ରାୟ ହୋଇଯାଉଛନ୍ତି । ଦୁଇଟି ସନ୍ତାନର ଜନକ ଆଜି ସେ । ନିତ୍ୟାଙ୍କ କଥାରେ ନିତ୍ୟ ସୁଖ ନିମନ୍ତେ ଫେରିଆସିଲେ ବାନପ୍ରସ୍ଥରୁ ଗାର୍ହସ୍ଥ୍ୟ ଆଶ୍ରମ ।

ଏକଦା ଫଳମୂଳ ସଂଗ୍ରହ ନିମନ୍ତେ ଆଶ୍ରମରୁ ବାହାରୁଛନ୍ତି । ନିଜକୁ ବହୁତ କଷ୍ଟ ଅନୁଭବ କଲେ । କ୍ରୋଧରେ ସେ ନିତ୍ୟାଙ୍କୁ କହିଲେ ମୁଁ ଦୈନନ୍ଦିନ ଫଳମୂଳ ସଂଗ୍ରହ ନିମନ୍ତେ ଅରଣ୍ୟ ଯିବି ନାହିଁ । କହିଲେ ସୁରୁଚି ।

ଆମେ ସିନା ଉପାସରେ ରହି ଦିନ କାଟିଦବା ହେଲେ ଏହି କୋମଳମତି ଶିଶୁ ଦୁଇଟିଙ୍କୁ ତ କିଛି ଦେବାକୁ ହେବ କହିଲେ ନିତ୍ୟା ।

ଶିଶୁ ଦୁଇଟିଙ୍କୁ ଦେଖିବାମାତ୍ରେ ସୁରୁଚିଙ୍କ ମୁଖମଣ୍ଡଳରେ ପ୍ରସନ୍ନତାର ଭାବ ଫୁଟିଉଠିଲା । ତା'ପରେ ସେ ଆନନ୍ଦରେ ଚାଲିଗଲେ ବନକୁ । ବନ ମଧରେ ପହ ଞ୍ଚ ଭାବିଲେ, ଦୈନନ୍ଦିନ କ'ଣ ଆସିବି ? ଲୋଭାସକ୍ତ ହୋଇ ଆଠ ଦଶଦିନ ପାଇଁ ଖାଦ୍ୟ ସଂଗ୍ରହ କଲେ ।

ଖାଦ୍ୟ ସଂଗ୍ରହ କରି ଆଶ୍ରମକୁ ଫେରୁଥିବା ସମୟରେ ମାର୍ଗରେ କୁରଙ୍ଗି ନାମକ ରାକ୍ଷସ ସହିତ ତାଙ୍କର ସାକ୍ଷାତ୍ ହେଲା । କରୁଙ୍ଗି କ୍ରୁର ହେଲେ ମଧ ରାକ୍ଷସ ଉ ତ୍ତ ମ । ଅନ୍ୟାୟରେ ସେ କ୍ରୁର ଏବଂ ନ୍ୟାୟରେ ସେ ଧୀର । ସୁରୁଚିଙ୍କ ସହିତ ତାର ଆଗରୁ ପରିଚୟ ଥିଲା । କୁରଙ୍ଗିକୁ ସେ ବହୁତ ଭଲପାଆନ୍ତି । କୁରଙ୍ଗି ମଧ ତାଙ୍କୁ ଭଲପାଆନ୍ତି । ଋଷିବର ଆପଣଙ୍କର ଏ ଜୀର୍ଣ୍ଣଶୀର୍ଣ୍ଣ ଶରୀର ମୁଖମଣ୍ଡଳ ଏତେଗୁଡାଏ ଫଳ, ଏସବୁ ସୂଚାଉଛି, ଆପଣ ତପ ଛାଡ଼ି ପୁରି ମାୟା ଜାଲରେ ଛନ୍ଦି ହୋଇଯାଇଛନ୍ତି ବୋଲି ତପୋନ୍ମୁଖୀ ଆପଣଙ୍କର ଏହି କୁସ୍ୱରୂପ ସାଧନାର ପରିଚୟ ନୁହେଁ ତପଚାରୀ ଶଠତାର ପରିଚୟ କହିଲା କୁରଙ୍ଗି ।

"କ୍ଷମା କରିବେ ରାକ୍ଷସ ମହୋଦୟ, ମୋ ପାଖରେ ବାତ୍ସଲ୍ୟପ୍ରେମ ସବୁଠାରୁ ଗରୀୟାନ ଏପରିକି ଆପଣଙ୍କ ସ୍ୱେଚ୍ଛାଚାରୀ ନିତ୍ୟ ସୁଖଠାରୁ ମଧ, କହିଲେ ସୁରୁଚି ।

ଜଣେ ତପଚାରୀ ମୁଖରେ ଏ କଥା ଶୋଭପାଏନା । ସନ୍ନ୍ୟାସୀ ମହୋଦୟ ସାମାନ୍ୟ ମାୟାର ବଶବର୍ତ୍ତୀ ହୋଇ ଆପଣ ଏତେ ଶୀଘ୍ର ସବୁତ୍ୟାଗ କରିଦେଲେ । ଆପଣଙ୍କ

ପିତାମାତା ତ ଦିନେ ଆପଣଙ୍କୁ ବାତ୍ସଲ୍ୟପ୍ରେମରେ ବାନ୍ଧିବାକୁ ଚାହିଁଥିଲେ । କିନ୍ତୁ ଆପଣ କଲେ କ'ଣ ? ବୃଦ୍ଧ ବୟସର ତାଙ୍କର ସବୁ ଆଶାକୁ ଛିନ୍ନ କରି ଚାଲିଆସିଥିଲେ ତପସ୍ୟା କରିବାକୁ । ଏତେଦିନ ବାତ୍ସଲ୍ୟ ପ୍ରେମ କଥା ମନେପଡ଼ିଲା । ଯାହା ଆପଣଙ୍କୁ ସ୍ପର୍ଶ କରିବା କଥା ନୁହେଁ । ସେ ଆପଣଙ୍କୁ ବୁଡ଼ାଇ ଦେବାକୁ ବସିଲାଣି, କହିଲା କୁରଙ୍ଗୀ।

ଲଜ୍ଜା ସଙ୍କୋଚରେ ସୁରୁଚିଙ୍କର ମଥା ତଳକୁ ହୋଇଗଲା । ସେ ରାକ୍ଷସକୁ କିଛି କହିବା ପୂର୍ବରୁ ରାକ୍ଷସ ଅନ୍ତର୍ଦ୍ଧାହ ହୋଇଗଲା । ରାକ୍ଷସର କଥାଗୁଡ଼ିକରେ ସୁରୁଚିଙ୍କ ହୃଦୟରେ ଦୁଃଖ ଅନୁତାପ ଭରିଗଲା ।

ଏହିପରି ଭାବୁ ଭାବୁ ଆଶ୍ରମରେ ଆସି ଉପସ୍ଥିତ ହେଲେ । ଦେଖିଲେ କୋମଳମତି ଶିଶୁ ଦୁଇଟି ତାଙ୍କରି ଆଡ଼କୁ ଅତ୍ୟନ୍ତ ନିର୍ନିମେଶ ନୟନରେ ଚାହିଁ ରହିଛନ୍ତି । ସୁରୁଚି ପୁଣି ସମସ୍ତ ଦୁଃଖକୁ ଭୁଲିଯାଇ ଆନନ୍ଦରେ ଦୁଇ ସନ୍ତାନକୁ କୋଳକୁ ନେଇ ଖେଳେଇବାକୁ ଲାଗିଲେ । ମାୟାମୋହରେ ସେ ଅନ୍ଧ ପାଲଟି ଯାଇଥିଲେ । ହଠାତ୍ ଶିଶୁ ଦୁଇଟି କାନ୍ଦିଉଠିଲେ । ତା'ଦେଖି ସୁରୁଚି, ନିତ୍ୟା ନିତ୍ୟା ବୋଲି ଡାକିଲେ, କିନ୍ତୁ ଆଶ୍ରମ ଭିତରୁ କେହି ଆସିଲେ ନାହିଁ କି ଜବାବ୍ ମଧ ମିଳିଲା ନାହିଁ । ପିଲା ଦୁଇଟିକୁ ଶୋଇ ଦେଇ ଆଶ୍ରମ ଭିତରକୁ ନିତ୍ୟା ନିତ୍ୟା ବୋଲି ଡାକି ପ୍ରବୋ କଲେ, ଦେଖିଲେ ଆଶ୍ରମ ଭିତରେ କେହି ନାହାନ୍ତି । ନିତ୍ୟା ନିତ୍ୟା ବୋଲି ଡାକି ପାଗଳ ପ୍ରାୟ ହୋଇଗଲେ ଏବଂ ଆଶ୍ରମରେ ବହୁତ ଦୂରକୁ ଡାକି ଡାକି ପଳେଇଲେ । ସନ୍ତାନ ଦୁଇଟିଙ୍କ କଥା ତାଙ୍କର ଆଉ ଖିଆଲ ନାହିଁ । ହଠାତ୍ କାହାର ଡାକରେ ସେ ଅଟକିଗଲେ । ସେ ପୂର୍ବପରିଚିତ ସ୍ୱର ।

କିଏ ନିତ୍ୟା, କହିଲେ ସୁରୁଚି ।

ଦେବରାଜାଙ୍କ ଆଜ୍ଞାରେ ମୁଁ ଆସିଥିଲି ତୁମେ ତପସ୍ୟା ଭଙ୍ଗ ଉଦ୍ଦେଶ୍ୟରେ । ମୋ କାର୍ଯ୍ୟରେ ସଫଳ ହୋଇ ମୁଁ ବ ର୍ତ୍ତମାନ ସ୍ୱର୍ଗପୁରକୁ ଯାଉଛି । କହିଲେ ନିତ୍ୟା ତାହାହେଲେ ତୁମେ ମୋତେ ଯାହାସବୁ କହିଲ, ତାହାସବୁ ମିଥ୍ୟା, ପ୍ରତାରଣା, କହିଲେ ସୁରୁଚି ।

ମୋ ସ୍ୱାମୀଙ୍କ ଆଜ୍ଞା ମୁଁ ପାଳନ କଲି, ମିଥ୍ୟାରେ ହୋଇପାରେ, ତାହାକୁ ତୁମେ ମିଥ୍ୟା କହିପାର ଅବା ପ୍ରତାରଣାର ଆଖ୍ୟା ଦେଇପାର । ମୁଁ ଗୋଟିଏ ସତକଥା କହିଛି ଯାହା ମୋର ସମସ୍ତ ମିଥ୍ୟା କଥାକୁ ଧୌତ କରିପାରିବ, କହିଲେ ନିତ୍ୟା ।

ସେହି ସତ କଥାଟି କ'ଣ ଥରେ କହିବ କି, କହିଲେ ସୁରୁଚି । ତୁମେ ମାୟାରେ ରୁହ; କିନ୍ତୁ ମାୟା ତୁମକୁ ଗ୍ରାସ ନ କରୁ । କିନ୍ତୁ ତୁମକୁ ତ ମାୟା ସମ୍ପୂର୍ଣ୍ଣ ମାତ୍ରାରେ ଗ୍ରାସ କରିଛି । କହିଲେ ନିତ୍ୟା । ମୁଁ ତୁମକୁ ଅଭିଶାପ ଦେବି, କହିଲେ ସୁରୁଚି ।

ନିତ୍ୟା ଏକ ତାସଲ୍ୟ ହସି ହସି କହିଲା ଅଭିଶାପ ! ବିନା ତପସ୍ୟାରେ ଅଭିଶାପ ଅସମ୍ଭବ । ପୁଣି ମାୟାଜାଲକୁ ଯାଆନ୍ତୁନି, ଫେରିଯାଅ ସନ୍ନ୍ୟାସୀ, ଯିବା ପୂର୍ବରୁ ଆହୁରି ଗୋଟିଏ କଥା କହିଯାଉଛି, କାମ, କ୍ରୋଧ, ଲୋଭାଦିକୁ ବର୍ଜନ କରି ଯିଏ ସାଂସାରିକ ହୁଏ ସେହି ପାଏ ନିତ୍ୟ ସୁଖ, ଏ କଥା କହି ନିତ୍ୟା ଉର୍ବଶୀ ରୂପ ଧରି ଅନ୍ତର୍ଦ୍ଧାନ ହୋଇଗଲେ ।

ସେହିଠାରେ ଠିଆହୋଇ ଋଷି ସୁରୁଚି ନିଜର ଅତୀତ କଥା ସ୍ମରଣ କରି ଦୁଃଖ ଅନୁତାପ ଅଗ୍ନିରେ ଜର୍ଜରିତ ହେବାକୁ ଲାଗିଲେ । ଆଖିରୁ ତାଙ୍କର ଧାର ଧାର ହୋଇ ଲୁହ ବହିଯାଉଥାଏ ।

ପୂର୍ବଦିଗରେ ପାଟଳ ବର୍ଣ୍ଣାଳିର ଆଭାସ ଆସନ୍ନ ପ୍ରଭାପ୍ରାୟ ପୂପୁରର ଦ୍ରୁତ ଶବ୍ଦ ଧୀରେ ଧୀରେ ମିଳାଇଯାଉଛି ଠିକ୍ ଏକ ବେଦନା ବିଷର୍ଣ୍ଣ ବିଦାୟୀ ଶିଶିରସିକ୍ତ ରାତ୍ରିପରି ।

ନୂପୁରର ଛମ୍ ଛମ୍ ଶବ୍ଦରେ ସୁରୁଚିଙ୍କର ହୃଦୟକନ୍ଦର ବିଦୀର୍ଣ୍ଣ ହୋଇଉଠିଲା । ଦୀର୍ଘ ସମୟ ପରେ ମନେପଡ଼ିଗଲା ସେହି ନିଷ୍ପାପ କମନୀୟ ମୁଖମଣ୍ଡଳରେ ଚେନା ଚେନା ହସ, କାହାନ୍ତି ସେମାନେ ? ଲମ୍ବା ଲମ୍ବା ପାଦ ପକାଇ ଗହନ ଅରଣ୍ୟ ମଧରେ ଅଦୃଶ୍ୟ ହୋଇଗଲେ ମହର୍ଷି ସୁରୁଚି ।

୦୦୦

# ଅନ୍ଧାର

ସୁରୁଚି ମିଶ୍ର

ଅଫିସ୍‌ରୁ କାମସାରି ଆସିଲା ବେଳକୁ ସସ୍ମିତା ଦେଖିଲା ବହୁତ ଡେରି ହୋଇଗଲାଣି । କ'ଣ କରିବ, ମାର୍ଚ୍ଚ ମାସ କାମର ଚାପ ଟିକେ ଅଧିକ । ସସ୍ମିତା ବହୁ ଜୋର୍‌ରେ ପାଦ ପକାଇ ବସ୍‌ଷ୍ଟାଣ୍ଡ ଆଡ଼େ ଚାଲିଲା । ଷ୍ଟାଣ୍ଡ୍‌ରେ ପହ ଞ୍ଚ଼ିଲାବେଳକୁ, ତା' ନିୟମିତ ବସ୍‌ଟା ଷ୍ଟାଣ୍ଡ ଛାଡ଼ି ବାହାରେ ଠିଆ ହୋଇଛି, ଆଉ କ୍ଲିନ୍‌ର ବହୁ ଜୋର୍‌ରେ ରଡ଼ି ଛାଡୁଛି ଯାତ୍ରୀଙ୍କୁ ବସ୍‌ରେ ଚଢ଼ିବା ପାଇଁ । ସେ ତରତର ହୋଇ ବସ୍ ଉପରକୁ ଉଠିଗଲା । ବସ୍ ସାରା ଲୋକ ଭ ର୍ତ୍ତି । ସିଟ୍ ତ ସିଟ୍ ଠିଆ ହେବାକୁ ବି ଜାଗା ନାହିଁ । ତାକୁ ଦେଖି କଣ୍ଡକ୍ଟର କହିଲା ଦିଦି, ଆଜି ଡେରି କରିଦେଲ । ସବୁ ସିଟ୍ ଫୁଲ୍ ହେଇଗଲା । କିଛି ଚିନ୍ତା ନାହିଁ ଆପଣ ଟିକେ ଆଡ୍‌ଜଷ୍ଟ କରି ଠିଆ ହୋଇଥାନ୍ତୁ । ବାଟରେ ସିଟ୍ କରିଦେବି । ସେ କଣ୍ଡକ୍ଟର କିଛି ନ କହି ଚୁପ୍‌ଚାପ୍ ଠିଆହୋଇ ଚାରିଆଡ଼େ ଅନେଇଲା ।

ଚାରିଆଡ଼େ ଅନେଇଲାବେଳେ ଗୋଟେ ଜାଗାରେ ତା'ର ଆଖି ଅଟକିଗଲା ଓ ସେ ଚମକି ପଡ଼ିଲା । ଆରେ ଇଏ ଚନ୍ଦନ ନୁହେଁ ତ । ଲୋକଟା ତା ଠିଆ ହୋଇଥିବା ଜାଗାର ପାଖ ସିଟ୍‌ର ସାଇଡ୍‌ରେ ବସି ଝର୍କା ବାଟେ ବାହାରକୁ ଚାହିଁଛି । ସସ୍ମିତା ତାକୁ ଏକ ଲୟରେ ଦେଖି ଚାଲିଲା । ମନେ ମନେ ଚନ୍ଦନର ଚେହେରା ମନେପକାଇଲା । ଏ ଲୋକର ଚେହେରା ସାଙ୍ଗେ ତୁଳନା କଲା । ଏତିକିବେଳେ ଜଣେ ଯାତ୍ରୀ ତା' ମୁହଁକୁ ଚାହିଁ କହିଲେ, "ମ୍ୟାଡାମ୍ ! ଟିକେ ରାସ୍ତା ଛାଡ଼ନ୍ତୁ ଆମେ ଭିତରକୁ ଯାଇ ଠିଆ ହେବୁ ।" ସେ ଲୋକଟିର କଥାରେ ଅପ୍ରସ୍ତୁତ ମନେକଲା ଓ କଡ଼େଇଗଲା । ହେଲେ ବି ତା' ମନ ମାନିଲାନି, ସମସ୍ତଙ୍କ ନଜରକୁ ଲୁଚାଇ ଲୋକଟିକୁ ଆଉ ଥରେ ଦେଖିଲା ସସ୍ମିତା । ଇଏ ଚନ୍ଦନ ନୁହେଁ ତ ? ଯାର ଲୋଚାକୋଚା ପୋଷାକ, ମୁହଁ ଉପରେ ଅଡୁଆ ଦାଢ଼ି ଭାଙ୍ଗ ପଡ଼ି ଆସୁଥିବା ଗାଲ ଓ ଶୁଖିଲା ଆଖି ଓଠ ସହିତ ଝାପ୍‌ସା ମନେପଡୁଥିବା ସେ ଚନ୍ଦନର କିଛି ସାମଞ୍ଜସ୍ୟ ନାହିଁ ଅବଶ୍ୟ, କାହିଁକି କେଜାଣି ସସ୍ମିତାକୁ ଲାଗୁଛି ଇଏ ସେହି ଚନ୍ଦନ ।

ଏବେ ବି ମନେଅଛି ସସ୍ମିତାର ସେ ବର୍ଷ ସେ ତାଙ୍କ ଗାଁ କଲେଜରୁ ଅନର୍ସ ଓ ଡିଷ୍ଟିଙ୍ଗସନ୍ ସହିତ ଫାଷ୍ଟ୍ କ୍ଲାସ୍‌ରେ ବି.ଏ. ପାସ୍ କଲା । ସୋସିଓଲୋଜିରେ ପିଜି କରିବା ପାଇଁ ୟୁନିଭରସିଟିରେ ଆଡ୍‌ମିଶନ୍ ନେଲା । ପି.ଜି.ର ପ୍ରଥମ କ୍ଲାସ୍ ଦିନ ହିଁ ଚନ୍ଦନ ସହିତ ତା'ର ପରିଚୟ । କାରଣ ସେ ଚନ୍ଦନକୁ ହିଁ ପଚାରି ବୁଝିଥିଲା ସୋସିଓଲୋଜି ଡିପାର୍ଟମେଣ୍ଟ ର ରାସ୍ତା । ଚନ୍ଦନ ତାକୁ ରାସ୍ତା ଦେଖାଇବା ପାଇଁ ତା' ସହିତ ଡିପାର୍ଟମେଣ୍ଟ ଆଡ଼କୁ ଚାଲିଯାଇଥିଲା । ବାଟରେ ତାକୁ ପଚାରିଥିଲା ଏତେ ସବ୍‌ଜେକ୍ଟ ଥାଉ ଥାଉ ସେ କାହିଁକି ସୋସିଓଲୋଜି ନେଲା । ସସ୍ମିତା ଉ ତ୍ତ ର ଦେବା ପରିବ ର୍ତ୍ତେ ତାକୁ ପ୍ରଶ୍ନ କରିଥିଲା ଆପଣଙ୍କ ସବ୍‌ଜେକ୍ଟ କ'ଣ ? ସେ କହିଥିଲା ସେ ମଧ ସୋସିଓଲୋଜିର ଦ୍ୱିତୀୟ ବର୍ଷ ଛାତ୍ର । ଏହାଶୁଣି ସେ ଓଲଟା ପ୍ରଶ୍ନ କରିଥିଲା ଆପଣ କାହିଁକି ସୋସିଓଲୋଜି ନେଇ ନଢ଼ିଲେ ? ଏବେବି ସସ୍ମିତାର ମନେପଡୁଛି ଚନ୍ଦନ ତେଜୋଦୀପ୍ତ ଓଜସ୍ୱିନୀ ଭାଷାରେ ସମାଜର ଗୂଢ଼ତ ତ୍ତ୍ୱ ଉପରେ ଦେଇଥିବା ଭାଷଣ । ଚନ୍ଦନ

ଥିଲା ବାମପନ୍ଥୀ ଚିନ୍ତାଧାରାର । ସେ ସମାଜର ଶ୍ରେଣୀ ବିଭାଜନକୁ ଘୃଣା କରୁଥିଲା । ସେ ପଚାରିଲା, "ମଣିଷ ଭିତରେ ଏତେ ଭେଦଭାବ କାହିଁକି ? କାହିଁକି ଜଣେ ସୁନାର ଚାମଚ ଧରି ଦୁଧ ଭାତ ଖାଇ ଅୟସରେ ଦିନ କାଟିଲାବେଳେ, ଆଉ ଜଣେ ତା' ଅଇଁଠା ପତ୍ରରୁ ପେଟ ପାଇଁ ଦାନା ଗୋଟେଇଥାଏ, ଜଣେ ସମାଜର ସବୁ ସୁବିଧା ସୁଯୋଗକୁ ହାସଲ କରି ଅୟସରେ ଦିନ କାଟିଲାବେଳେ ଆଉ ଜଣେ ସବୁ ସୁଯୋଗରୁ ବଞ୍ଚିତ ହେଇ ନିଷ୍ପେଷିତ ଜୀବନ ବିତାଏ କାହିଁକି ? ବୋକାଙ୍କ ପରି ଚନ୍ଦନରୁ ମୁହଁକୁ ଚାହିଁଥିଲା ସସ୍ମିତା । ମଫସଲରୁ ଆସିଥିବା ତା'ପରି ଜଣେ ସରଳ ନରୀହ ଝିଅ ମୁଣ୍ଡରେ ଏପରି ସମାଜତତ୍ତ୍ୱ କିଛି ପଶୁ ନଥିଲା । ଚନ୍ଦନ ସସ୍ମିତାର ଅବସ୍ଥା ଦେଖି ହସି ଦେଇଥିଲା । ସସ୍ମିତା ପ୍ରଥମ ଦେଖାରେ ହିଁ ଚନ୍ଦନର ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇଯାଇଥିଲା । ଏଣୁ ତା'ର ଯେ କୌଣସି ସମସ୍ୟାର ସମାଧାନ ପାଇଁ ଦୌଡ଼ିଯାଉଥିଲା ଚନ୍ଦନ ପାଖକୁ । ଚନ୍ଦନ ମଧ ତା'ଶକ୍ତି ମୁତାବକ ସାହାଯ୍ୟ କରୁଥିଲା । ସବୁକିଛି ଠିକ୍‌ଠାକ୍ ଥିଲା । ସେ ବର୍ଷ ଚନ୍ଦନ ଓ ତାଙ୍କ ଗ୍ରୁପ୍‌ର କେତେଜଣ ପିଲା ତାଙ୍କ ଗାଇଡ୍ ପ୍ରଫେସରଙ୍କ ସାଙ୍ଗରେ ବଣ୍ଡା ଜନଜାତିଙ୍କ ଜୀବନ ଉପରେ ଗବେଷଣା ପାଇଁ ଯାଇଥିଲେ କୋରାପୁଟକୁ । ସେଠି ସେମାନେ କ୍ୟାମ୍ପ ପକେଇ ସେମାନଙ୍କ ବିଷୟରେ ଅନୁଧାନ କରୁଥିଲେ । ହଠାତ୍ ଦିନେ ଚନ୍ଦନ କୁଆଡେ ଅନ୍ତର୍ଦ୍ଧାନ ହେଇଗଲା । ତାକୁ ସମସ୍ତେ ଖୋଜିଲେ । ପୁଲିସ ଓ ଅଗ୍ନିଶମ ବିଭାଗର ମଧ ସାହାଯ୍ୟ ନେଲେ, ହେଲେ ପାଇଲେନି । ସମସ୍ତେ କହିଲେ, କୌଣସି ବନ୍ୟଜନ୍ତୁର ଶିକାର ହୋଇଗଲା ଚନ୍ଦନ ।

ଖବର ପାଇଁ ସସ୍ମିତା ବହୁତ କାନ୍ଦିଲା । ଦୁଃଖ ସେତିକିରେ ସରି ନଥିଲା । କିଛିମାସ ପରେ ହିଁ ସସ୍ମିତାର ବାପାଙ୍କର ଆକସ୍ମିକ ଦେହାନ୍ତ ଘଟିଥିଲା । ବଡ଼ ଝିଅ ହିସାବରେ ପାଠାରେ ଡୋରି ବାନ୍ଧି ସେ ଜଏନ୍ କରିଥିଲା ଆଇସିଡିଏସ୍ ସୁପରଭାଇଜର ଚାକିରୀରେ । ଘରର ବୋଝକୁ ମୁଣ୍ଡେଇ ବଞ୍ଚିବାର ସଂଗ୍ରାମ କରୁ କର ଭୁଲିଯାଇଥିଲା ଚନ୍ଦନର ସ୍ମୃତିକୁ । ଆଜି ହଠାତ୍ ଏ ଲୋକଟାକୁ ଦେଖି କେମିତି ତାକୁ ଲାଗିଲା ଏ ଯେମିତି ଚନ୍ଦନ ।

କଣ୍ଡକ୍ଟର ଡାକିଲା, "ଦିଦି ଆପଣ ଏଠି ବସିବେ । ଏ ଭଦ୍ରଲୋକ ଆଗ ଷ୍ଟପେଜ୍‌ରେ ଓହ୍ଲାଇଯିବେ ।" ଭଦ୍ରବ୍ୟକ୍ତି ଜଣକ ସସ୍ମିତାକୁ ସିଟ୍‌ରେ ବସିବା ପାଇଁ କହି ନିଜେ ଯାଇ ଡୋର୍ ପାଖରେ ଠିଆହେଲେ । ସେ ବସୁ ବସୁ ତା' ପାଟିରୁ ହଠାତ୍ ବାହାରିପଡ଼ିଲା, 'ଚନ୍ଦନ' । ବାହାରକୁ ଏକ ଲୟରେ ଚାହିଁ କିଛି ଭାବୁଥିବା ଲୋକଟି ଚମକିପଡ଼ି ସସ୍ମିତା ମୁହଁକୁ ଚାହିଁଲା । ତା' ମୁହଁରେ ଅବିଶ୍ୱାସର ଚିହ୍ନ । ଚିହ୍ନା ପଡ଼ିଯିବାର ଆତଙ୍କ । ସେ ପୁଣି ପଚାରିଲା, "ଚନ୍ଦନ, ତୁମେ ଏବେ କେଉଁଠି ରହୁଛ ? ମୁଁ ଚନ୍ଦନ ନୁହେଁ ।" କହିଲା ଲୋକଟି, କିନ୍ତୁ ତା' ସ୍ୱରରୁ ସସ୍ମିତା ଆହୁରି ନିଶ୍ଚିତ ହେଇଗଲା ଯେ ସେ ହିଁ ଚନ୍ଦନ । କହିସାରି ତରତର ହୋଇ ଲୋକଟା ଡୋର୍ ପାଖକୁ ଯାଉଯାଉ ପାଟି କରି କହିଲା, "ବସ୍ ରଖ, ରଖ, ମୁଁ ଏଇଠି ଓହ୍ଲେଇବି.... ।" ବ୍ରେକ୍ ମାରି ବସ୍ ରହିଗଲା । ଲୋକଟା ଡିଆଁମାରିବା ଭଳି ଓହ୍ଲାଇଗଲା ଓ ସନ୍ଧ୍ୟାର ଅନ୍ଧାର ଭିତରେ ହଜିଗଲା । ସସ୍ମିତା କିଛି ବୁଝିବା ଆଗରୁ ବସ୍ ଛାଡିଦେଲା ।

୦୦୦୦




ସମ୍ପାଦକ : ଡ. ବିଭୂଦତ୍ତ ଖଣ୍ଡାୟତରାୟ